### ୫ରୁ ଏମ୍‌ପିସି ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି; ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

# ଆଲୋକରେ ଝଲସୁଛି ରାଜପ୍ରାସାଦ ଓ ବଡ଼ଦାଣ୍ଡ






## ପୁରାତନ ବିଦ୍ୟାର୍ଥୀଙ୍କ ନାଟକ ମହୋତ୍ସବ ଉଦ୍‌ଘାଟିତ

ବାରିପଦା, ୨।୧(ସମିସ)

ଐତିହ୍ୟ ସମ୍ପନ୍ନ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୫, ୬ ଓ ୭ ତାରିଖରେ ତିନିଦିନ ପ୍ଲାଟିନମ ଜୁବୁଲି ମହୋତ୍ସବ ପାଳନ କରାଯିବ। ୧୯୪୮ ମସିହାରେ ବାରିପଦା ସହରର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ଷୁଦ୍ର ପରିସରରେ ଜନ୍ମଲାଭ କରିଥିବା ଉକ୍ତ ମହାବିଦ୍ୟାଳୟ ଆଜି ଏକ ମହାଦ୍ରୁମରେ ପରିଣତ ହୋଇ ତକତପୁରରେ କେବଳ ବିରାଟ କାୟା ବିସ୍ତାର କରିନାହିଁ, ଓଡ଼ିଶାର ଏକ ଅଗ୍ରଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତ ଲାଭ କରି ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀ ସମ୍ମିଳିତଭାବରେ ପ୍ଲାଟିନମ ଜୁବୁଲି ସମାରୋହକୁ ସଫଳ ତଥା ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଐତିହାସିକ ରାଜପ୍ରାସାଦ ବା କଲେଜକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ମା' ଅମ୍ବିକାଙ୍କ ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟପାର୍ଶ୍ୱ ଆଲୋକମାଳାରେ ଝଲସୁଛି। ଏକ ବିଶାଳ ସ୍ୱାଗତ ବେଲୁନ ସମଗ୍ର ସହରର ପ୍ରତିଟି ସ୍ଥାନରୁ ଉତ୍ସବ ପାଳନ ଆରମ୍ଭକୁ ସୂଚାଉଛି। ପ୍ଲାଟିନମ ଜୁବୁଲି ସମାରୋହ ଉପଲକ୍ଷେ ଗତ ଏକ ମାସ ହେଲା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଧର୍ମ ଦର୍ଶନ ଓ ସାହିତ୍ୟ, ସଂସ୍କୃତି ଆଧାରିତ ବିଷୟବସ୍ତୁ ଉପରେ ଦେଶ ତଥା ବିଦେଶର ପ୍ରବୀଣ ଶିକ୍ଷାବିତ, ବିଶେଷଜ୍ଞ, ଗବେଷକ ଓ ବୈଜ୍ଞାନିକମାନେ ଆଭାସୀ ମାଧ୍ୟମରେ ଶିକ୍ଷାଦାନ ଓ ଆଲୋଚନା ଜାରି ରଖିଛନ୍ତି। ମହୋତ୍ସବର ଅବ୍ୟବହିତ ପୂର୍ବରୁ ସହିଦସ୍ମୃତି ଭବନରେ ମଙ୍ଗଳବାର ଏକ ନାଟକ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦଘାଟନ କରି ୭୫ବର୍ଷର ଐତିହାସିକ ଶିକ୍ଷାନୁଷ୍ଠାନ ଜିଲ୍ଲା ତଥା ରାଜ୍ୟର ଗର୍ବ ବୋଲି କହିଛନ୍ତି। ତିନିଦିନ ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର ଚିନ୍ମୟ ଦାସ ପଟ୍ଟନାୟକଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଆମେ ବି ମଣିଷ' ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ଛାତ୍ର ତଥା ଓଡିଆ ସିନେ ତାରକା ସ୍ୱରାଜ ବାରିକ ଓ ନିର୍ଦ୍ଦେଶକ ତାପସ ସରଗରିଆ ଏଥିରେ ଜୀବନ୍ତ ଅଭିନୟ କରିଛନ୍ତି। ବୁଧବାର ନାଟ୍ୟକାର ସ୍ୱର୍ଗତ ଡ. ପଞ୍ଚାନନ ପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶକ ଅନ୍ନଦାଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ 'ହେ ରାତ୍ରି ପ୍ରଣାମ' ଏବଂ ଗୁରୁବାରରେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କ ରଚିତ ଏବଂ ନାଟ୍ୟକାର ନିର୍ଦ୍ଦେଶକ ଧୀର ବସା ଓ ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ 'ମଧ୍ୟାହ୍ନର ରଙ୍ଗ' ନାଟକ ବର୍ତ୍ତମାନ ଅଧ୍ୟୟନରତ ଓ ପୁରାତନ ଛାତ୍ର ତଥା କଳାକାର ଓ ସିନେ ତାରକାମାନଙ୍କ ଦ୍ୱାରା ଅଭିନୀତ ହେବ। ଜାନୁଆରୀ ୫ରେ ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ନିର୍ମିତ ଅସ୍ଥାୟୀ ସୁସଜ୍ଜିତ ମଞ୍ଚରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ ସଭାରେ ସାରସ୍ୱତ ମୁଖପତ୍ର 'ରତ୍ନଗର୍ଭା' ଉନ୍ମୋଚିତ ହେବ। ସଭା କାର୍ଯ୍ୟ ସମାପନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିନତମାମ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜାନୁଆରୀ ୬ରେ ତକତପୁର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଷୟ ବିଶେଷଜ୍ଞମାନଙ୍କ ଦ୍ୱାରା 'ଓଡ଼ିଶାର ସଙ୍ଗୀତ, ନାଟକ ଓ ଚଳଚ୍ଚିତ୍ର ଜଗତକୁ ମୟୂରଭଞ୍ଜର ଦାନ' ଏବଂ '୨୦୫୦ ମସିହା ସୁଦ୍ଧା ମୟୂରଭଞ୍ଜକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ଉଚିତ ପଦକ୍ଷେପ' ଶୀର୍ଷକ ଉପରେ ଆଲୋଚନା କରାଯିବ। ଜାନୁଆରୀ ୭ରେ ରାଜବାଟୀ ରାଜକୀୟ ଠାଣିରେ ସୁସଜ୍ଜିତ ହେବା ସହିତ ବର୍ଣ୍ଣାଢ୍ୟ ଆଲୋକମାଳାରେ ଉଦଭାସିତ ହେବ। ୧୯୪୮ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ପୁରାତନ ଛାତ୍ରଛାତ୍ରୀମାନେ ପୂର୍ବାହ୍ନରେ ଛଉ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ବାରିପଦା ସହର ପରିକ୍ରମା କରି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିବେ ଏବଂ ରାଜବାଟିକୁ ପ୍ରତ୍ୟାବର୍ତ୍ତନ କରିବେ। ରାଜବାଟିରେ ଦିନତମାମ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ଲାଟିନମ ଜୁବୁଲି ମହୋତ୍ସବର ପରିସମାପ୍ତି ଘଟିବ ବୋଲି ଆଲୁମନି ଆସୋସିଏସନ ସଭାପତି ଡ. ବିଜୟ କୁମାର ଅଗ୍ରୱାଲା ଓ ମୁଖ୍ୟ ସଂଯୋଜକ ପ୍ରୀତିଶ ଚନ୍ଦ୍ର ବସା ସୂଚନା ଦେଇଛନ୍ତି।

## ନୂଆବର୍ଷରେ ଗରିବ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ

**ବାରିପଦା, ୨।୧(ସମିସ):** ନବବର୍ଷକୁ ନିଆରା ଢଙ୍ଗରେ ପାଳିବା ପାଇଁ ବାରିପଦାର କିଛି ଯୁବକ ପ୍ରୟାସ କରିଛନ୍ତି। ଜିରୋ ନାଇଟ ସେଲିବ୍ରେସନରେ ଯୁବଗୋଷ୍ଠୀ ମସଗୁଲ ରହିଥିବାବେଳେ ଗରିବ ଏବଂ ଅସହାୟଙ୍କୁ କମ୍ବଳ ବାଣ୍ଟି ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ବାରିପଦାର ଯୁବକ ଶୁଭଜିତ ପାଣି ତାଙ୍କ ଗୋଷ୍ଠୀକୁ ନେଇ ଏହି ନିଆରା ପ୍ରୟାସ କରିଛନ୍ତି। ନୂଆବର୍ଷରେ ଆଜିର ଯୁବପିଢ଼ି ବିଭିନ୍ନ ପ୍ରକାର ଉପାୟରେ ନୂଆବର୍ଷ ପାଳନ କରୁଥିବା ସମୟରେ ସେ ତାଙ୍କର କିଛି ସହଯୋଗୀଙ୍କୁ ନେଇ ବାରିପଦା ସହରର ରାସ୍ତାକଡ ସମେତ ପିଆରଏମ ହସ୍ପିଟାଲ ପରିସରରେ ରାତିରେ ଶୋଇଥିବା ବୃଦ୍ଧ ଏବଂ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ସେ ତାଙ୍କର କିଛି ବନ୍ଧୁ ଏବଂ ସହଯୋଗୀଙ୍କୁ ନେଇ ପ୍ରାୟ ୫୦ଟି କମ୍ବଳ ବାଣ୍ଟିଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ତାପସ, ଅମୀୟ,



ଅଭିଷେକ, ଆକାଶ, ଜିତ, ପ୍ରତିମା ପ୍ରମୁଖ ସହଯୋଗ କରିଥିଲେ।

## ଡ. ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ପାଳିତ



**ବାରିପଦା, ୨।୧(ସମିସ):** ମଙ୍ଗଳବାରୀୟ ସାହିତ୍ୟ ଆସର ତରଫରୁ ସଂଯୋଜକ ପ୍ରତାପ ଚନ୍ଦ୍ର ଧଡ଼ାଙ୍କର ସଂଯୋଜନାରେ ମହାନ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ପୂର୍ବତନ ରାଜ୍ୟପାଳ ତଥା ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ କବି ଅମିତାଭ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଡକ୍ଟର ହରେକୃଷ୍ଣ ମହତାବଙ୍କ ସାହିତ୍ୟକୃତି, ସ୍ୱାଧୀନତା ସଂଗ୍ରାମରେ ଭୂମିକା ସର୍ବୋପରି ଓଡ଼ିଶାପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସରର ସଭ୍ୟ ଆଶିଷ ରଞ୍ଜନ ବାସୁରି, ମୃତ୍ୟୁଞ୍ଜୟ ପ୍ରଧାନ ସଭ୍ୟା ନିବେଦିତା ନାଏକ, ଲକ୍ଷ୍ମୀ କୁମାରୀ ଓ ଅନିଶା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଡକ୍ଟର ମହତାବଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଶ୍ୱିନୀ କୁମାର ଦେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପିଏମ୍ ବିଶ୍ୱକର୍ମା ଯୋଜନାରେ ଆଉ ୧୭୭ ହିତାଧିକାରୀ ସାମିଲ

**ବାରିପଦା, ୨।୧(ସମିସ):** ପିଏମ ବିଶ୍ୱକର୍ମା ଯୋଜନାରେ ମୟୂରଭଞ୍ଜ ଜିଲ୍ଲାରୁ ଆଉ ୧୭୭ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ପୂର୍ବାହ୍ନରେ ଏହି ଯୋଜନାର କାର୍ଯ୍ୟକାରୀ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟ ମୟୂରଭଞ୍ଜ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ହସ୍ତଶିଳ୍ପ ଉପନିର୍ଦ୍ଦେଶକ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ, କାହ୍ନା ସୋରେନ, ବିଜୟ କୁମାର ଦାଶ ଓ ବ୍ରଜମୋହନ ବେହେରା ଯୋଗଦେଇଥିଲେ। ବୈଠକରେ ବ୍ଲକ ସ୍ତରରୁ ଆସିଥିବା ୧୮୧ଟି ଆବେଦନ ଉପରେ ଆଲୋଚନା କରି ୧୭୭ଟିକୁ ଚୟନ କରିଥିଲେ। ପ୍ରଥମ ପର୍ଯ୍ୟାୟର ୧୩୯ ଜଣଙ୍କୁ ମିଶାଇଲେ ଦ୍ୱିତୀୟ ପର୍ଯ୍ୟାୟ ପରେ ଜିଲ୍ଲାରୁ ସମୁଦାୟ ୩୧୬ଜଣ ହିତାଧିକାରୀ ପିଏମ ବିଶ୍ୱକର୍ମା ଯୋଜନାରେ ସାମିଲ ହୋଇଛନ୍ତି। ଜିଲ୍ଲାର ୩୪୦୪ଟି ପଞ୍ଚାୟତରୁ ଯୋଜନାରେ ସାମିଲ ପାଇଁ ୭ହଜାର ଆବେଦନକାରୀ ରହିଥିଲେ ହେଁ ପଞ୍ଚାୟତ ସ୍ତରରୁ ଆବେଦନ ପତ୍ର ମଞ୍ଜୁର କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ପ୍ରଣିତ ଯୋଜନାର ସୁଫଳ ହିତାଧିକାରୀ ପାଇପାରୁନାହାନ୍ତି। ସୂଚନାଯୋଗ୍ୟ ବୃତ୍ତିଗତ ଶ୍ରମିକଙ୍କୁ ଏହି ଯୋଜନାରେ ସ୍ୱତନ୍ତ୍ର ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି।

## ମୟୂରୀ ପ୍ରିମିୟର ଲିଗ୍‌ର ୯ମ ସଂସ୍କରଣ ଉଦ୍‌ଘାଟିତ



**ବାରିପଦା, ୨।୧(ସମିସ):** ଷ୍ଟେସନ ବଜାର ଖେଳ ପଡ଼ିଆରେ ମୟୂରୀ ପ୍ରିମିୟର ଲିଗ୍ (ଏମ୍ ଆର୍ ପିଏଲ୍)ର ୯ମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ବଛାବଛା ଖେଳାଳିଙ୍କୁ ୯ଟି ଫ୍ରାଞ୍ଚାଇଜର ଦଳରେ ବିଭକ୍ତ କରାଯାଇ ୨ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଲିଗ୍‌ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜିବ ଦ୍ୱିବେଦୀ, ସମ୍ପାଦକ କାଉନସିଲର ଦେବାଶିଷ ପାତ୍ର, କ୍ଲବର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କୋଷାଧ୍ୟକ୍ଷ ସରୋଜ ରାଉତ, ଜିତେନ୍ଦ୍ର ନାୟକ ଓ ରାମେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ଏନିମଲ ଟିମ ମୟୂରଭଞ୍ଜ ଷ୍ଟ୍ରାଇକରଙ୍କୁ ୫ ଉଇକେଟରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ସ୍ମାସର ଦଳ ଭି ରୋରକୁ ୯ ୱିକେଟରେ ପରାସ୍ତ କରିଥିଲେ। ସେହିପରି ତୃତୀୟ ମ୍ୟାଚ୍‌ରେ ମା' ଅମ୍ବିକା ୱାରିୟର ଦଳ ଥ୍ରିଲର ଦଳକୁ ୮ ଉଇକେଟରେ ପରାସ୍ତ କରିଥିଲେ। ସମସ୍ତ ମ୍ୟାଚ୍‌କୁ ଅମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ ଏବଂ ପ୍ରବୀର ମୋଦୀ ପରିଚାଳନା କରିଥିଲେ। ରାଜେଶ ସାହୁ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ।

### ୪ରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

## ପ୍ରସ୍ତୁତି ଶେଷ; ପ୍ରଥମ ପର୍ଯ୍ୟାୟରେ ଯିବେ ୨୪୫ ଯାତ୍ରୀ

**ବାରିପଦା, ୨।୧(ସମିସ):** ଆସନ୍ତା ୫ ତାରିଖରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଆରମ୍ଭ ହେବାକୁ ଯାଉଛି ବରିଷ୍ଠ ନାଗରିକ ତୀର୍ଥଯାତ୍ରା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦର ମହକୁମା ବାରିପଦାରୁ ଆଗାମୀ ୪ତାରିଖରେ ଆରମ୍ଭ ହେବ ଏହି ତୀର୍ଥଯାତ୍ରୀଙ୍କ ପ୍ରଥମ ଯାତ୍ରା। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏହି ତୀର୍ଥଯାତ୍ରାକୁ ସବୁଜ ପତାକା ଦେଖାଇ ଅପରାହ୍ନ ୩ଟାରେ ବାରିପଦାରୁ ଶୁଭାରମ୍ଭ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନା ଅନୁସାରେ, ଏଥିପାଇଁ ଜିଲ୍ଲାରୁ ୬୨୮ଟି ଆବେଦନ ଗ୍ରହଣ ହୋଇଥିବା ବେଳେ ୩୪ଟି ଆବେଦନକୁ ଖାରଜ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୫ଟି ବରିଷ୍ଠ ଦମ୍ପତିଙ୍କୁ ଏହି ତୀର୍ଥ ଯାତ୍ରାରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ତୀର୍ଥ ସ୍ଥାନକୁ ନେଇ ଯାତ୍ରା କରାଯିବା ବ୍ୟବସ୍ଥା ହୋଇଛି। ଜିଲ୍ଲାର ଏହି ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱଳ୍ପ ସମୟ ରହଣି ବ୍ୟବସ୍ଥା ଜିଲ୍ଲା ସଦର ମହକୁମା ବାରିପଦା ଷ୍ଟାଡିୟମରେ କରାଯିବ। ଏଥିସହିତ ସେମାନଙ୍କ ଖାଦ୍ୟପେୟ, ଶୌଚ ଆଦି ପାଇଁ ବ୍ୟବସ୍ଥା କରାଯିବା ସହିତ ସେହିଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରାଯିବା ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକଙ୍କ ସୂଚନା ଓ ବିଭିନ୍ନ ବିଷୟରେ ଅବଗତି ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡ଼ାକବାଜି ଯନ୍ତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଆରକ୍ଷୀ ବାହିନୀକୁ ଷ୍ଟାଡିଅମରେ ମୁତୟନ କରାଯାଇଛି। ସୂଚନା ଥାଉକି, ଏହି ବରିଷ୍ଠ ତୀର୍ଥଯାତ୍ରୀମାନେ ଆସନ୍ତା ୫ ତାରିଖରୁ ୧୦ ଜାନୁଆରୀ ପର୍ଯ୍ୟନ୍ତ ଏହି ଦୁଇଟି ସ୍ଥାନକୁ ଟ୍ରେନ ଯୋଗେ ବାଲେଶ୍ୱରରୁ ଯିବେ ଏବଂ ନିର୍ଦ୍ଧାରିତ ସ୍ଥାନରୁ ଫେରି ନିଜ ନିଜ ଅଞ୍ଚଳକୁ ଫେରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି।



## ପିଆର୍‌ଏମ୍ ହସ୍ପିଟାଲରେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ସଂରକ୍ଷିତ

**ବାରିପଦା, ୨।୧(ସମିସ):** ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ମୃତଦେହ ସଂରକ୍ଷିତ କରି ରଖାଯାଇଛି। ସୂଚନା ଅନୁଯାୟୀ, ବାରିପଦା ରାସ୍ତା କଡରୁ ଅସୁସ୍ଥ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମୃତକଙ୍କ ଆନୁମାନିକ ବୟସ ୫୦ବର୍ଷ ହେବ। ଏହାକୁ ନେଇ ପିଆରଏମ ହସ୍ପିଟାଲ ଫାଣ୍ଡି ପକ୍ଷରୁ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତେବେ ଉକ୍ତ ବ୍ୟକ୍ତିଙ୍କ ପରିଚୟ ଜାଣିଥିଲେ ପିଆର୍‌ଏମ୍ ହସ୍ପିଟାଲ ଫାଣ୍ଡି ନମ୍ବର ୯୯୩୭୪୩୫୨୩୬ରେ ଯୋଗାଯୋଗ କରିବାକୁ କୁହାଯାଇଛି।

## କଂଗ୍ରେସ ପକ୍ଷରୁ କଳିଙ୍ଗନଗର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ବାରିପଦା, ୨।୧(ସମିସ):** ଗତ ୨୦୦୬ ମସିହା ଜାନୁଆରୀ ୨ ତାରିଖରେ ଯାଜପୁର ଜିଲ୍ଲା କଳିଙ୍ଗନଗରରେ ନିରୀହ ଆଦିବାସୀଙ୍କୁ ତାଙ୍କର ଭିଟାମାଟିରୁ ଉଚ୍ଛେଦ କରି ଟାଟା କମ୍ପାନୀକୁ ଜାଗା ହସ୍ତାନ୍ତର ପାଇଁ ନିର୍ମମ ଭାବରେ ଗୁଳିଚାଳନା ଫଳରେ ୧୬ ଜଣ ଆଦିବାସୀ ସହୀଦ ହୋଇଥିଲେ। ଏଥିସହିତ କିଛି ଆଦିବାସୀଙ୍କ ହାତ ପାପୁଲିକୁ କାଟି ଦିଆଯାଇଥିଲା। ଏଣୁ ଆଜି ସେହି ଲୋମଟାଙ୍କୁରା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ମହମବତୀ ଜାଳି ମୃତକଙ୍କର ଅମର ଆତ୍ମାର ସଦଗତି ଓ ତାଙ୍କ ପରିବାରବର୍ଗଙ୍କ ପ୍ରତି କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବାରିପଦା ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ସଭାପତିତ୍ୱରେ ଟ୍ରାଫିକ ଛକରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ହେମନ୍ତ ଦାସ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଉପସଭାପତି ଅଶୋକ ଅଧିକାରୀ, ଉପସଭାପତି ଅରବିନ୍ଦ ଦାସ, ମହିଳା ସଭାନେତ୍ରୀ ସସ୍ମିତା ଘୋଷାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଏସଟି ସେଲ୍‌ର ପ୍ରୋମଦ ହେମ୍ବ୍ରମ, ଏଲଡିଏମ୍ ଶିବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରିନ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ତ୍ରୟୋଦଶ ବାର୍ଷିକ ମହୋତ୍ସବ

# ସମୟର ସଦୁପଯୋଗ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ

ବାରିପଦା, ୨।୧(ସମିସ)



ନବବର୍ଷ ଅବସରରେ ବାରିପଦା ପ୍ରିନ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ତ୍ରୟୋଦଶ ବାର୍ଷିକ ଉତ୍ସବ ରାମନଗର ସ୍ଥିତ କ୍ୟାମ୍ପସରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଛି। ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ତଥା

### ୩ ଶିକ୍ଷକଙ୍କୁ 'ପ୍ରିନ୍ସ ଶିକ୍ଷକ ଗୌରବ' ସମ୍ମାନ ପ୍ରଦାନ

ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥିଭାବେ ଯୋଗଦେଇ ମୟୂରଭଞ୍ଜ ପରି ଏକ ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷାର ବିକାଶ ନିମନ୍ତେ ପ୍ରିନ୍ସ ଶିକ୍ଷା ସମୂହର ଯୋଗଦାନକୁ ପ୍ରଶଂସା କରିଥିଲେ। ଏଠାରେ ପାଠପଢ଼ା ସହିତ ନିଜମାଟିର ସଂସ୍କୃତି ଐତିହ୍ୟ ଏବଂ ପରମ୍ପରାକୁ ବଜାୟ ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ମୋରଡା ବିଧାୟକ ରାଜକିଶୋର ଦାସ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମୟର ସଦୁପଯୋଗ କରିବା ସହିତ କଲେଜର ନିୟମ ଶୃଙ୍ଖଳା ମାନି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ସର୍ବଭାରତୀୟ ପରୀକ୍ଷାରେ ପ୍ରିନ୍ସ କଲେଜ୍‌ର କ୍ରମାଗତ ସଫଳତା ଏବଂ ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟକୁ ପ୍ରଶଂସା କରିଥିଲେ। ଏହାବ୍ୟତୀତ ପ୍ରିନ୍ସ ପ୍ରିନ୍ସିପାଲ ସ୍ୱାଧୀନତା କର, ପ୍ରିନ୍ସ ଡ଼ିଗ୍ରୀ କଲେଜ୍ ଅଧ୍ୟକ୍ଷା ଏମନ୍ ନାଜ୍, ପ୍ରିନ୍ସ ପବ୍ଲିକ୍ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଠଓ୍ୱାଲ, ପ୍ରିନ୍ସ ବାଲେଶ୍ୱର ଅଧ୍ୟକ୍ଷା ବବିତା ବେହେରା, ଚେୟାରପର୍ସନ ଜ୍ୟୋତିପୁଷ୍ପା ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ପ୍ରିନ୍ସ ଶିକ୍ଷା ସମୂହ ତରଫରୁ ମୟୂରଭଞ୍ଜ ଜିଲ୍ଲାର ୩ ଜଣ ସ୍ୱନାମଧନ୍ୟ ଶିକ୍ଷକ ଅଜିତ୍ କୁମାର ଜେନା, ଡ. ରାଧାକାନ୍ତ ମହାରଣା ଏବଂ ଅମିତାଭ ମିଶ୍ରଙ୍କୁ 'ପ୍ରିନ୍ସ ଶିକ୍ଷକ ଗୌରବ ସମ୍ମାନ -୨୦୨୩'ରେ ସମ୍ମାନିତ କରାଯାଇଥିଲା। ପ୍ରିନ୍ସର ପୂର୍ବତନ ଛାତ୍ର ତଥା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ପଙ୍କଜ କୁମାର ଜେନା ଏବଂ ୨୦୨୩ କାଉନସିଲ୍ ପରୀକ୍ଷାରେ ୯୫ ପ୍ରତିଶତ ରଖି ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରିନ୍ସ କଲେଜ୍‌ର ଛାତ୍ର ରୁଦ୍ର ନାରାୟଣ ଭୋଇଙ୍କୁ 'ପ୍ରିନ୍ସ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ରାଜ୍ୟରେ କେମିଷ୍ଟ୍ରି ଅଲମ୍ପିଆଡ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଅଭିଷେକ ଧଡ଼ାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଅତିଥି ବୃନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉପସ୍ଥାପିକା ଖୁସି କୁମାର ଏବଂ ପ୍ରିନ୍ସ କର୍ମକର୍ତ୍ତା ପ୍ରଶାନ୍ତ ଦତ୍ତ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ। ପ୍ରିନ୍ସ ଡ଼ିଗ୍ରୀ କଲେଜ୍ ଅଧ୍ୟକ୍ଷା ଏମନ୍ ନାଜ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଏବଂ ତାଙ୍କ ସହଯୋଗୀଙ୍କ ସଙ୍ଗୀତରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅତିଥିମାନେ ମନ୍ତ୍ରମୁଗ୍ଧ ହୋଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ଜେନା, ଅଧ୍ୟାପିକା କୀର୍ତ୍ତିଦୀପ୍ତି ଦତ୍ତ, କର୍ମକର୍ତ୍ତା ସୁରଜିତ ଦାସ, ଦିଲ୍ଲୀପ୍ କୁମାର ମହାନ୍ତି, ଦିନେଶ ବେହେରା, କୁନା ସିଂ, ଲକ୍ଷେହୀରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗ୍ରାମ୍ୟ ରାସ୍ତାରେ ବଢ଼ୁଛି ଦୁର୍ଘଟଣା

# ବାଇପାସ୍ ନିର୍ମାଣ ଦାବି କଲେ ଗ୍ରାମବାସୀ

ବାଲିବନ୍ଧ,୨।୧(ସମିସ)




ଝୁମ୍ପୁରା ବ୍ଲକ ଉପାନ୍ତ ଅଞ୍ଚଳରେ ଅବସ୍ଥିତ କୁଟୁଗାଁ ଗ୍ରାମ ପଞ୍ଚାୟତର ହାତୀଦରୀ ଗ୍ରାମବାସୀ ବାଇପାସ୍ ରାସ୍ତା ନିର୍ମାଣ ଦାବି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଶିଷ ଠାକ୍ରେଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ହାତୀଦରୀ ଗ୍ରାମବାସୀ ଯତିନ ମୁଣ୍ଡା, ସୁଶାନ୍ତ ମୁଣ୍ଡା, ଦିପକ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ବୁଧୁରା ମୁଣ୍ଡା, କୁନ୍ଦୁ ମହାନ୍ତ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ୨୦୨୩ ମସିହା ମେ' ମାସରେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ହାତୀଦରୀ ଗାଁ ମଧ୍ୟ ଦେଇ ଯାଇଥିବା ଗ୍ରାମ୍ୟ ରାସ୍ତାରେ ଯୋଡା ଖଣି ମଣ୍ଡଳର ଭାରିଯାନ ଗୁଡିକ ଅନେକ ସମୟରେ ଚଳାଚଳ କରିବା ଏବଂ ବାମେବାରୀ, କମଳପୁର, ଜରୁଡି, ଜଜାଙ୍ଗ, ଯୋଡ଼ା ଅଞ୍ଚଳକୁ ଚାରି ଚକିଆ, ଦୁଇ ଚକିଆ ଯାନ ନିୟମିତ ଚଳାଚଳ ଦ୍ୱାରା ସଂକୀର୍ଣ୍ଣ ରାସ୍ତାରେ ଦୁର୍ଘଟଣା ବଢ଼ୁଛି। ଗ୍ରାମ୍ୟ ରାସ୍ତାର ୨ପାଶ୍ୱର୍ରେ ରସ୍ତାକୁ ଲାଗି ଘର ଗୁଡିକ ରହିଥିବା ବେଳେ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ରହିଛି। ଛୋଟ ଛୁଆପିଲାମାନେ ବିପଦ ସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି। ସ୍ନାନଶୌଚ ତଥା ଚାଷା କାର୍ଯ୍ୟରେ ମଧ୍ୟ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାପାଇଁ ପଡୁଛି। ଗାଇ, ବଳଦ, ଛେଳି, ମେଣ୍ଢା, କୁକୁର, ବିଲେଇ, କୁକୁଡ଼ା ଆଦି ଅନେକ ସମୟରେ ଗାଡ଼ି ଚକତଳେ ଚାପି ହୋଇ ଜୀବନ ଚାଲିଯାଉଛି। ଭାରୀଯାନ ଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ଘଟିଲେ ଗ୍ରାମରେ ଅଶାନ୍ତ ପରିସ୍ଥିତି ଉପୁଜିବା ସହିତ ଉତ୍ତେଜନା ଲାଗିରହୁଛି। ଫଳରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଗ୍ରାମସଭା ଡକାଇ ମତାମତ ଲୋଡ଼ିବା ସହିତ ରେଜୁଲେସନ କପି ମଧ୍ୟ ଜିଲ୍ଲାପାଳଙ୍କୁ ଦେଇଛନ୍ତି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ମାଗିଆ ମୁଣ୍ଡା, ବାଟୁ ମୁଣ୍ଡା, ଗହ୍ଣା ମୁଣ୍ଡା, ସାମୁ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ପାଣ୍ଡୁ ମୁଣ୍ଡା ପ୍ରମୁଖଙ୍କ ପରିବାର ସଦସ୍ୟ ନିଜସ୍ୱ ଜମିରୁ ଆବଶ୍ୟକସ୍ଥଳେ ରାସ୍ତା ପାଇଁ ଜାଗାଜମି ଛାଡ଼ି ଦେବୁ ବୋଲି ଗ୍ରାମସଭାରେ ପ୍ରକାଶ କରିଛନ୍ତି। ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଯାହା ଆବଶ୍ୟକ ପଡ଼ିବ ସହଯୋଗ କରିବା ପାଇଁ ଗ୍ରାମବାସୀ ପ୍ରସ୍ତୁତ ଅଛନ୍ତି। ଗ୍ରାମବାସୀ ଜିଲ୍ଲାପାଳଙ୍କ ବ୍ୟତିତ ଜିଲ୍ଲା ବନଖଣ୍ଡ ଅଧିକାରୀ, କେନ୍ଦୁଝର, ଝୁମ୍ପୁରା ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ଆପତ୍ତି ସହିତ ଗ୍ରାମସଭାର ଫଟୋ ଓ ମତାମତ ରେଜୁଲେସନ କପି ଦେଇଛନ୍ତି। ଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ତୃତୀୟ ଶ୍ରେଣୀ ମେଧାବୃତ୍ତିରେ ତେଜସ୍ୱିନୀଙ୍କ ସଫଳତା



**ଆନନ୍ଦପୁର,୨।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କଇନିପୁରା ଉପ୍ରା ବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ରାଉତରାୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଜଣାଯାଇଛି। ଶୈଲଙ୍ଗ ଗ୍ରାମ ନିବାସୀ ଅଜିତ କୁମାର ରାଉତରାୟ ଓ ଚିନ୍ମୟୀ ରାଉତଙ୍କ ଝିଅ ତେଜସ୍ୱିନୀ ୨୦୨୨-୨୩ ଶିକ୍ଷା ବର୍ଷରେ ଅନୁଷ୍ଠିତ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦେବୀ, ଶିକ୍ଷୟିତ୍ରୀ ପ୍ରଜ୍ଞା ରାଉତ, କଲ୍ୟାଣୀ ପୃଷ୍ଟି, ମନୋରମା ନାୟକ ଓ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଜେଜେବାପା ବିଶ୍ୱନାଥ ରାଉତରାୟ, ଜେଜେମା ମୀନାକ୍ଷୀ ରାଉତରାୟ ତେଜସ୍ୱିନୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବଡ଼ବିଲରେ ସଡ଼କ ସୁରକ୍ଷା ସପ୍ତାହ ପାଳନ




**ବଡ଼ବିଲ, ୨।୧(ସମିସ):** ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ରାଜ୍ୟ ପରିବହନ ବିଭାଗ ପାଳନ କରୁଛି ସଡ଼କ ସୁରକ୍ଷା ସପ୍ତାହ। ରାଜ୍ୟରେ ଦୁର୍ଘଟଣା ତଥା ଦୁର୍ଘଟଣା ଜନିତ ମୃତ୍ୟୁ କମାଇବା ଏବଂ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନତା କରିବା ଏହାର ମୂଳ ଲକ୍ଷ୍ୟ। ଏହି ପରିପେକ୍ଷିରେ ବଡ଼ବିଲ ଆଞ୍ଚଳିକ ଅତିରିକ୍ତ ପରିବହନ ବିଭାଗ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ସଚେତନତା ସାଇକଲ ଶୋଭାଯାତ୍ରର ଆୟୋଜନ କରାଯାଇଥିଲା। ଉକ୍ତ ରାଲିରେ ସ୍ଥାନୀୟ ଆଇଟିଆଇ ବଡ଼ବିଲ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବଡ଼ବିଲ ଡ୍ରାଇଭର ସଙ୍ଘର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ରାଲି କିରିବୁରୁ ଛକରୁ ବାହାରି ବଡ଼ବିଲ ସହର ପରିକ୍ରମା କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବଡ଼ବିଲ ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ବିଭାଗ ତରଫରୁ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦୁର୍ଗାପ୍ରସାଦ ରାଓ, କନିଷ୍ଠ ମୋଟରଯାନ ନିରୀକ୍ଷକ ଅରୁଣ କୁମାର ସାହୁ ତଥା ପରିବହନ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସାଧାରଣ ପରିଷଦ ବୈଠକରେ ସହମତି

## ଜାନୁଆରୀ ୩୦ରୁ ଆନନ୍ଦପୁର ମହୋତ୍ସବ

**ଆନନ୍ଦପୁର, ୨।୧(ସମିସ):** ଆନନ୍ଦପୁର ମହୋତ୍ସବ କମିଟିର ସାଧାରଣ ପରିଷଦ ବୈଠକ ଆଜି ଉପଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆନନ୍ଦପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ନାଗରିକ, ଆଇନଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ପ୍ରତିବର୍ଷ ପରି ଚଳିତ ବର୍ଷ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ମତାମତ ଦେଇଥିଲେ। ତେବେ ମହୋତ୍ସବର ସୁପରିଚାଳନା ପାଇଁ ଏକ ଆପ୍ରୁଭାଲ କମିଟି ଓ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଏସ୍ଡିପିଓ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ, ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ଆନନ୍ଦପୁର ପ୍ରେସ୍ ଫୋରମ ସଭାପତି ଉମେଶ ଚନ୍ଦ୍ର ପାଢ଼ି, ସମ୍ପାଦକ ନିର୍ମଳ ରାଉଳ, ଓକିଲ ସଂଘ ସଭାପତି ଦୟାନିଧି ଦାଶ, ଆଶୁତୋଷ ଦାଶ, ବାଇଧର ସେଠୀ, କ୍ରୀଡ଼ା ସଂସଦ ଉପଦେଷ୍ଟା ଗଗନ ସିଂ, ଆନନ୍ଦପୁର ପ୍ରେସ୍ କ୍ଲବ ସମ୍ପାଦକ ସନ୍ତୋଷ ରାଉତ, ସତ୍ୟସାଇ ସେବା ସଂଗଠନ ସେବାଦଳ ପ୍ରମୁଖ ନିତ୍ୟାନନ୍ଦ ସାମଲ, ଆଇନଜିବୀ ଶୈଳେଶ ପଟ୍ଟନାୟକ, ମୁରଲୀଧର ମିଶ୍ର, ସୁରେନ୍ଦ୍ର କୁମାର ମିଶ୍ର, ଦେବରଞ୍ଜନ ସାହୁ, ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଆଇନଜୀବୀ ଭାଗୀରଥି ଦାଶଙ୍କ ସମେତ ଆନନ୍ଦପୁର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବହୁ ପ୍ରତିକ୍ଷିତ ଆନନ୍ଦପୁର ମହୋତ୍ସବ ଆସନ୍ତା ୩୦ ତାରିଖଠାରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ନିଷ୍ପତି ହୋଇଯାଇଛି। ତେବେ ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ପୁଲିସ ଓ ପ୍ରଶାସନର ବ୍ୟସ୍ତତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ପରି ଚଳିତବର୍ଷ ମହୋତ୍ସବରେ ସାମାନ୍ୟ ପରିବର୍ତ୍ତନ କରିଥିବା ବେଳେ ୫ ଦିନ ପରିବର୍ତ୍ତେ ମହୋତ୍ସବକୁ ୪ ଦିନ ଓ ପୂର୍ବବର୍ଷ ଭଳି ଟିକେଟ ବ୍ୟବସ୍ଥାକୁ ବନ୍ଦ କରାଯାଇଛି।



### ଅଭିଯୁକ୍ତଙ୍କୁ ଧରି ପାରୁନି ପୁଲିସ୍

## ନ୍ୟାୟ ଅପେକ୍ଷାରେ ପୀଡ଼ିତ ପରିବାର

- ଡିମିରିଆ ହତ୍ୟାକାଣ୍ଡକୁ ବର୍ଷେ ପୂରିଲା
- ପୋଡ଼ାଙ୍ଗ ଡବଲ ମର୍ଡର ୧୦ ବର୍ଷ ପାର୍

**ତେଲକୋଇ,୨।୧ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ସଲେଇକେନା ପଞ୍ଚାୟତ ଡିମିରିଆ- ଦାମଦର ଗୌଣି ରାସ୍ତାରେ ଘଟିଥିବା କାର୍ତ୍ତିକ ମହାନ୍ତଙ୍କ ହତ୍ୟାକାଣ୍ଡକୁ ବର୍ଷେ ପାର ହେଇଥିବା ବେଳେ ପୁଲିସ ଅଦ୍ୟାବଧି ହତ୍ୟାକାରୀଙ୍କୁ ଗିରଫ କରିପାରିନାହିଁ। ଫଳରେ ସ୍ୱର୍ଗତ କାର୍ତ୍ତିକଙ୍କ ପରିବାର ଭୟବିତ ଅବସ୍ଥାରେ ରହିଥିବା ବେଳେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ପୁଲିସର ଏତାଦୃଶ କାର୍ଯ୍ୟ ପାଇଁ ଲୋକେ ପୁଲିସ ଉପରୁ ଆସ୍ଥା ହରାଉଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାର ନ୍ୟାୟ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରିଥିଲେ। କୌଣସି ନ୍ୟାୟ ମିଳି ନ ଥିବା କାର୍ତ୍ତିକଙ୍କ ପୁଅ ଦର୍ଶନ ଓ ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ପୁଲିସ କେବଳ କେସ ନମ୍ବର ୨୧୩/୨୨ରେ ଏକ ହତ୍ୟା ମାମଲା ରୁଜୁ କରି ହାତବାନ୍ଧି ବସିଥିବା ସଙ୍ଗୀନ ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ୨୦୨୨ ଡିସେମ୍ବର ମାସ ୧୪ ତାରିଖ ସନ୍ଧ୍ୟାରେ ଡିମିରିଆ ଗ୍ରାମର କାର୍ତ୍ତିକ ମହାନ୍ତ ନିକଟସ୍ଥ ଦାମଦର ଗୌଣି ଗ୍ରାମକୁ ଦିନ ମଜୁରିଆ ଖୋଜି ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ସମୟରେ ଗାଁ ମୁଣ୍ଡ ପତ୍ର ଫ ଡ଼ି ନିକଟରେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ମୁମୂର୍ଷ ଅବସ୍ଥାରେ ପକାଇ ଫେରାର ହୋଇଯାଇଥିଲା। ପରିବାର ଲୋକ ଖବର ପାଇ କାର୍ତ୍ତିକଙ୍କୁ ଉଦ୍ଧାର କରି ତେଲକୋଇ ଏବଂ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଧାରୁଆ ଅସ୍ତ୍ରରେ ମୁଣ୍ଡରେ ହଣା ଯାଇ ହତ୍ୟା କରାଯାଇଥିବା ଜଣା ପଡ଼ିଥିଲା। ଏହା ପରେ ତେଲକୋଇ ଥାନା ପକ୍ଷରୁ କେସ ନମ୍ବର ୨୧୩/୨୨ରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଥାନା ଅଧିକାରୀ ସାଇପ୍ରଭା ରାଉତ୍, ଏସ୍ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କ ସହିତ ଏକ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିବା ସହିତ କିଛି ନମୁନା ସଂଗ୍ରହ କରିଥିଲେ। ମାତ୍ର ତଦନ୍ତକୁ ବର୍ଷେ ପୂରିଥିବା ବେଳେ ଆଜିଯାଏଁ ହତ୍ୟାକାରୀ ଗିରଫ ହୋଇନାହିଁ। ଏହି ଘଟଣା ମାମଲା ରୁଜୁ ହେବା ପରେ ଦୁଇ ଜଣ ଥାନା ଅଧିକାରୀ ବଦଳି ହୋଇ ସାରିଥିଲେ ସୁଦ୍ଧା ଅଭିଯୁକ୍ତ ଖୋଲା ଆକାଶ ତଳେ ବୁଲୁଛି। ସେହିପରି ୨୦୧୩ ମସିହାରେ ପୋଡାଙ୍ଗ ଗ୍ରାମରେ ଘଟିଥିବା ବହୁ ଚାଞ୍ଚଲ୍ୟକର ଦୁଇ ଭଉଣୀ ପାଞ୍ଚାଳୀ ଓ ସବିତାଙ୍କ ହତ୍ୟା (ଡବଲ ମର୍ଡର)ଘଟଣାକୁ ୧୦ ବର୍ଷ ପୁରିଥିଲେ ସୁଦ୍ଧା ପୁଲିସ ଆଜି ପର୍ଯ୍ୟନ୍ତ ହତ୍ୟାକାରୀକୁ ଗିରଫ କରି ପାରିନାହିଁ। କେବଳ ହତ୍ୟା ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦକୁ ଫାଇଲ ତଳେ ଚାପି ଦେଇଛି। ଏପରି ସ୍ଥଳେ ପୀଡ଼ିତ ପରିବାର ନ୍ୟାୟ ପାଇଁ ଦାବି କରିଛନ୍ତି।

## ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଦୁଇ ଛାତ୍ରଛାତ୍ରୀ





**ପାଟଣା,୨।୧ (ସମିସ):** ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଏନ୍ସିସି ଛାତ୍ର ସୁବ୍ରତ କୁମାର ମହାନ୍ତ ଜାତୀୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଯୋଗଦେବା ପାଇଁ ଦିଲ୍ଲୀ ଡାକରା ପାଇ ସେଠାକୁ ଯାଇଛନ୍ତି। ସୁବ୍ରତ ୧୪ ଓଡ଼ିଶା ବାଟାଲିୟନ କେନ୍ଦୁଝରର କ୍ୟାଡେଟ୍ ଭାବେ ଏହି ସୁଯୋଗ ପାଇଛନ୍ତି। ସେହିପରି ଚେସ୍ ଖେଳରେ ମହାବିଦ୍ୟାଳୟର ଛାତ୍ରୀ ଅନୁପମା ମହାନ୍ତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ମନୋନୀତ ହୋଇ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମେଘାଳୟ ଯାତ୍ରା କରିଛନ୍ତି। ମହାବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ, କ୍ରୀଡ଼ା ଶିକ୍ଷକ ଏନ୍ସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପଞ୍ଚାୟତକୁ ଭରସା ରାଜୀବ ସେବାକେନ୍ଦ୍ର ଗୃହ



**ହାଟଡିହି, ୨।୧ (ସମିସ):** ଏଯାବତ୍ ବହୁ ପଞ୍ଚାୟତ ଭିତିଭୂମି ନଥିବାରୁ ରାଜୀବ ସେବା କେନ୍ଦ୍ର ଗୃହ ଭରସାରେ ଚାଲିଛି। ଏହି କେନ୍ଦ୍ରର ଗୃହ କେଉଁଠି କାର୍ଯ୍ୟଳୟ ଚାଲିଛି ତ କେଉଁଠି ଗୋଦାମ ଗୃହ ପାଲଟିଥିବା ବେଳେ ଆଉ କେଉଁଠି ଅଦରକାରୀ ଭାବେ ପଡ଼ିରହିଛି। ହାଟଡିହି ବ୍ଲକ ଆଦିବାସୀ ବହୁଳ ଜଙ୍ଗଲ ପାହାଡ ପରିବେଷ୍ଟିତ କେ.ବାଲିପାଳ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟଟି ଭାଙ୍ଗିଯାଇ ଗଛଲତା ଚରିଯାଇଛି। ଯାହାକି ରାଜୀବ ସେବା କେନ୍ଦ୍ର ଗୃହରେ ପଞ୍ଚାୟତ କାର୍ଯ୍ୟାଳୟଟି ଚାଲିଛି। ପଞ୍ଚାୟତକୁ ବିଦ୍ୟୁତ ସଂଯୋଗ ହୋଇନଥିବା ବେଳେ ସୋଲାର ଲାଇଟ୍ରେ କାମ ଚଳୁଛି। ନେଟ୍ ସୁବିଧା ନଥିବାରୁ ପଞ୍ଚାୟତରେ କୌଣସି କାର୍ଯ୍ୟ ହୋଇ ପାରୁନାହିଁ। ବହୁ ସାମଗ୍ରୀ ଗଚ୍ଛିତ ଥିବାରୁ ସେହି ରାଜୀବ ସେବା କେନ୍ଦ୍ର ଗୃହରେ ରଖାଯାଉଛି। ଯାହାକି ପଞ୍ଚାୟତରେ ବୈଠକ କରିବା କଷ୍ଟ କର ହୋଇ ପଡ଼ିଛି। ସେହିପରି ପଡ଼ିଆରୀପଲ୍ଲୀ ପଞ୍ଚାୟତର ଗୃହ ନଥିବାରୁ ରାଜୀବ ସେବା କେନ୍ଦ୍ର ଗୃହଟି ଗୋଦାମ ଗୃହ ପାଲଟିଛି। ଏହାକୁ ନେଇ ପିଇଓ ଓ ଜିଆରଏସ ଇଚ୍ଛାରେ ଆସିଥାନ୍ତି। ସେହିପରି ସୋସୋ ପଞ୍ଚାୟତର ରାଜୀବ ସେବା କେନ୍ଦ୍ର ଗୃହଟି ଅସୁରକ୍ଷିତ ହୋଇ ନଷ୍ଟ ହେବାକୁ ବସିଥିବାବେଳେ ବହୁ ପୁରୁଣା ଗୃହରେ ପଞ୍ଚାୟତ କାର୍ଯ୍ୟାଳୟଟି ଚାଲିଛି। ଜମ୍ପିରା ପଞ୍ଚାୟତର କାର୍ଯ୍ୟଳୟ ଗୃହ ଥିଲେ ବି ଆବଶ୍ୟକ ଅନୁଯାଇ ଗୃହ ନାହିଁ। ସେହି କାର୍ଯ୍ୟଳୟରେ ମାତ୍ର ଗୋଟିଏ ଗୃହ ରହିଛି। ଯାହାକି ଜିଆରଏସ ଓ ପିଇଓ ସେଠାରେ କାମ କରିବା କଷ୍ଟକର। ସେହି ପଞ୍ଚାୟତର ରାଜୀବ ସେବା କେନ୍ଦ୍ର ଗୃହଟି ଅନ୍ୟ ଏକ ସ୍ଥାନରେ ହୋଇ ଅଦରକାରୀ ଭାବେ ପଡ଼ିରହିଛି। ମରେିଗାଁ ପଞ୍ଚାୟତର ରାଜୀବ ସେବା କେନ୍ଦ୍ର ଗୃହଟି ଜବର ଦଖଲରେ ରହିଛି। ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବ୍ଲକ କାର୍ଯ୍ୟାଳୟର ୧କିମି ଦୂରରେ ଥିବା ହାଟଡିହି ପଞ୍ଚାୟତ କାର୍ଯ୍ୟାଳୟଟି ଭିତ୍ତିଭୂମି ନଥିବାରୁ ରାଜୀବ ସେବା କେନ୍ଦ୍ର ଗୃହଟିରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଛି। କଳିଙ୍ଗା ପଞ୍ଚାୟତ, ଡଓଁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ରାଜୀବ ସେବା କେନ୍ଦ୍ର ଗୃହରେ ଚାଲିଛି।

## ଏନ୍‌ସିସି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଘସିପୁରା,୨।୧(ସମିସ):** ସାଇଁକୁଳ ପତିତପାବନ କଲେଜର ଅଭ୍ୟର୍ଥନା କକ୍ଷରେ ଆଜି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କଲେଜର ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏନ୍ସିସି ଅଧିକାରୀ ଲେଫ୍ଟେନାଣ୍ଟ ଜୟଦେବ ଦାଶଙ୍କୁ କଲେଜ ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଉପଦେଷ୍ଟା ମଣ୍ଡଳୀ ମାନଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ଦାଶ କ୍ୟାପଟେନ ପଦବୀ ପାଇଁ "ରିଫ୍ରେସର କୋର୍ସ'ରେ ଯୋଗଦାନ କରି ଦୀର୍ଘ ଏକ ମାସ ଧରି ମହାରାଷ୍ଟ୍ର ଓଟିଏ କ୍ୟାମ୍ପରେ ତାଲିମ ଗ୍ରହଣ କରି ସଫଳତାର ସହ କୃତକାର୍ଯ୍ୟ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ସଫଳତା ମହାବିଦ୍ୟାଳୟର ଗୌରବ ବଢ଼ାଇବା ସହ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଥିଲା। ଆଜିର ସମ୍ବର୍ଦ୍ଧନା ସଭାରେ +୩ ଅଧ୍ୟକ୍ଷ ଶରତ କୁମାର ଜେନା, ଶିକ୍ଷାବିଭାଗର ବିଭାଗୀୟ ମୁଖ୍ୟ ଡ. ନରେନ୍ଦ୍ରକୁମାର ସାହୁ ଏନ୍ସିସିର ଗୁରୁତ୍ୱ ଏବଂ ଏହାର ବ୍ୟବହାରିକ ଦିଗ ବିଷୟରେ ବର୍ଣ୍ଣନା କରିବା ସହ ଏହା ଦ୍ୱାରା କିପରି ଶୃଙ୍ଖଳିତ ଜୀବନ ଯାପନ କରି ହେବ ସେଥିନେଇ ବିସ୍ତୁତ ଭାବେ ଆଲୋଚନା କରିଥିଲେ। ଶେଷରେ ଲେଫ୍ଟନାଣ୍ଟ ଶ୍ରୀଦାଶ ତାଲିମ ସମୟର ଅନୁଭୂତି ବର୍ଣ୍ଣନା କରିବା ସହ ଆଗକୁ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ଗୋଚର ଜମିରେ ସରକାରୀ ଗୃହ ନିର୍ମାଣକୁ ବିରୋଧ



**ତେଲକୋଇ,୨।୧ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ଗ୍ରାମର ବାଲିସାହି ହାଇସ୍କୁଲ ନିକଟ ଗୋଚର ଜମିରେ ସରକାରୀ ଗୃହ ନିର୍ମାଣକୁ ନେଇ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ବିବାଦୀୟ ଜମି ହୋଇଥିବା ବେଳେ ବର୍ତ୍ତମାନ କୋର୍ଟରେ କେସ୍ ରହିଥବା ଜଣାପଡ଼ିଛି। ତେବେ ସେଠାରେ ସରକାରୀ ଗୃହ କରାଯିବା ପାଇଁ ସୂଚନା ଫଳକ ତିଆରି କରାଯାଇଛି। ଉକ୍ତ ଜାଗାରେ ସରକାରୀ ଗୃହ ନିର୍ମାଣ କରାଗଲେ ଗୋରୁ ଗାଈମାନଙ୍କୁ ଚରାଇବାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋଚର ଜମିକୁ ବାଦ ଦେଇ ଅନ୍ୟତ୍ର ନିର୍ମାଣ କରାଯିବା ପାଇଁ ଗ୍ରାମର ହେମନ୍ତ କୁମାର ମହାନ୍ତ, ରସାନନ୍ଦ ମହାନ୍ତ, ରଘୁରାମ ସାହୁ, ଋଷି ବେହେରା, ଜଗବନ୍ଧୁ କର୍ଣ୍ଣ, ଖଗେଶ୍ୱର ମହାନ୍ତ, ସୁରଥ ନାୟକ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଗୀତା ମୁର୍ମୁଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୋଗ ପାଇଛୁ। ତହସିଲର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରାଯିବ।

### ଚାଷୀଙ୍କୁ ସହାୟ ହେଉଛି ଉଠା ଜଳସେଚନ ବ୍ୟବସ୍ଥା

# ପଡ଼ିଆ ପଡୁଥିବା ଜମି ଏବେ ଶସ୍ୟଶ୍ୟାମଳା

ଆନନ୍ଦପୁର,୨।୧(ସମିସ)



ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଉଠା ଜଳସେଚନ ବିଭାଗ ଜରିଆରେ ଆରମ୍ଭ କରିଥିବା ଗଭୀର ନଳକୂପ ଯୋଜନା ଚାଷୀଙ୍କ ପାଇଁ ବେଶ୍ ସହାୟକ ହୋଇପାରିଛି। ବର୍ଷ ବର୍ଷ ଧରି ଆନନ୍ଦପୁର ଉପଖଣ୍ଡର ଡିପ ଓ ଠେଙ୍ଗ ଜମିକୁ ଜଳସେଚିତ ହୋଇ ପାରୁନଥିବାରୁ ଜମିପଡ଼ିଆ ପଡୁଥିବା ବେଳେ ସମ୍ପ୍ରତି ଉଠା ଜଳସେଚନ ବିଭାଗ ପକ୍ଷରୁ ଉଠା ଜଳସେଚନ ବ୍ୟବସ୍ଥା ଯୋଗଇ ଦିଆଯାଇଥିବାରୁ ଅନେକ ଡିପ ଜମି ଏବେ ଶସ୍ୟ ଶ୍ୟାମଳା ହୋଇଉଠିଛି। ଏଭଳି ଏକ ପରୀକ୍ଷାମୂଳକ ଉଦ୍ୟମ ସଫଳ ହୋଇଛି ହାଟଡିହି ବ୍ଲକ ବଞ୍ଚୋ ପଞ୍ଚାୟତର ଶିବନାରାୟଣପୁର ଗ୍ରାମରେ। ଏହି ଗାଁର ଚାଷୀମାନେ ନିଜ ଜମିରେ ଉଠା ଜଳସେଚନ ବିଭାଗ ଜରିଆରେ ଗଭୀର ନଳକୂପ ଖନନ କରି ଆରମ୍ଭ କରିଥିବା ପନିପରିବା ଚାଷ ବେଶ୍ ଲାଭଦାୟକ ହୋଇପାରିଛି। ବଞ୍ଚୋ ପଞ୍ଚାୟତର କ୍ଲଷ୍ଟର-୧ ଓ ୨ରେ ଏହି ଗଭୀର ନଳକୂପ ଖୋଳାଯାଇ ୧୫ ହେକ୍ଟର ଚାଷ ଜମିରେ ପନିପରିବା ଫସଲ କରି ଚାଷୀମାନେ ଉପକୃତ ହୋଇଥିବା ଜଣାଯାଇଛି। ରାଜ୍ୟ ସରକାରଙ୍କ ଏହି ଗଭୀର ନଳକୂପ ଯୋଜନାର ତଦାରଖ ପାଇଁ ଉଠା ଜଳସେଚନ ବିଭାଗର କେନ୍ଦୁଝର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀ, ଆନନ୍ଦପୁର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପରିଡ଼ା ବିଭିନ୍ନ ଅଞ୍ଚଳ ଗସ୍ତ କରି ଘସିପୁରା ଓ ଆନନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚାଷୀମାନଙ୍କ ସହିତ ଆଲୋଚନା କରି ଅଣସେଚିତ ଅଞ୍ଚଳ ପରିଦର୍ଶନ କରିଥିବା ଜଣାଯାଇଛି। ପରିଦର୍ଶନ କାଳରେ ବଞ୍ଚୋ କ୍ଲଷ୍ଟର-୧ର ଚାଷୀ ମଦନ ମହାନ୍ତି, ପ୍ରଭାକର ଖଣ୍ଡା, ଦିଲୀପ ଖଣ୍ଡା, ରଜନୀକାନ୍ତ ଖଣ୍ଡା, କ୍ଲଷ୍ଟର-୨ ର ଚାଷୀ ଆନନ୍ଦ ଜେନା, ନବଘନ ଜେନା, ବସନ୍ତ ପାତ୍ର, ଶତ୍ରୁଘ୍ନ ମହାନ୍ତି, ସନାତନ ପାତ୍ର ପ୍ରମୁଖ ଉଠା ଜଳସେଚନ ବିଭାଗର ଏହି ଗଭୀର ନଳକୂପ ଯୋଜନାରେ ଉପକୃତ ହୋଇଥିବା ପ୍ରକାଶ କରିଥିଲେ।

## ହେଉନି ପୁନରୁଦ୍ଧାର; ଆନ୍ତରିକତା ଦେଖାଉନି ପର୍ଯ୍ୟଟନ ବିଭାଗ

# ପର୍ଯ୍ୟଟକଙ୍କୁ ନିରାଶ କରୁଛି ବଡ଼ଯୋଡ଼ ବନ୍ଧ

ବେତନଟୀ,୨।୧(ସମିସ): ଅଞ୍ଚଳର ସାମଗ୍ରିକ ତଥା ସର୍ବାଙ୍ଗୀନ ବିକାଶରେ ପର୍ଯ୍ୟଟନସ୍ଥଳର ଗୁରୁତ୍ୱ ରହିଛି। ବର୍ତ୍ତମାନ ପିକନିକ୍ ଋତୁ ଆରମ୍ଭ ହୋଇଥିବାବେଳେ ପର୍ଯ୍ୟଟନସ୍ଥଳ ଭାବରେ ବେଶ୍ ଲୋକପ୍ରିୟ ବଡଯୋଡବନ୍ଧର ପୁନରୁଦ୍ଧାର, ଉନ୍ନତିକରଣ, ରକ୍ଷଣାବେକ୍ଷଣର ଅଭାବ ସାଙ୍ଗକୁ ବିଭାଗୀୟ ଅବହେଳା ପାଇଁ ଏହା ପର୍ଯ୍ୟଟକଙ୍କୁ



ନିରାଶ କରୁଛି। ବେତନଟୀ-ବାରିପଦା ୧୮ନଂ ଜାତୀୟ ରାଜପଥର ନଙ୍ଗଳକଟା ଚର୍ଚ୍ଚ ଛକରୁ ୩କିମି ଦୂରରେ ରହିଛି ଏହି ବଡଯୋଡ ବନ୍ଧ। ବେତନଟୀ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ବନ୍ଧରୁ ଦୁଇଟି କେନାଲ ବାହାରି ବାରିପଦା ଏବଂ ବଡସାହି ବ୍ଲକର ବିଭିନ୍ନ ପଞ୍ଚାୟତକୁ ଜଳଯୋଗାଣ ହୋଇଥାଏ। ଯଦ୍ଦ୍ୱାରା ହଜାର ହଜାର ହେକ୍ଟର ଜମି ବର୍ଷତମାମ ଚାଷ ଉପଯୋଗୀ ହୋଇପାରିଥାଏ। ପ୍ରାୟ ୭ଦଶନ୍ଧି ହେବ ସେଠାରେ ଥିବା ଏକ ଡାକବଙ୍ଗଳା ଏବେ ଅସୁରକ୍ଷିତ ଏବଂ ଅବ୍ୟବହୃତ ଅବସ୍ଥାରେ ପଡିରହିଛି। ପୂର୍ବରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏକ ମନୋରମ ଫୁଲବଗିଚା ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ସଂପୂର୍ଣ୍ଣଭାବେ ନିଶ୍ଚିହ୍ନ ହୋଇଯାଇଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଇକୋ ଟୁରିଜିମ ଯୋଜନାରେ ଉନ୍ନତି କରାଯିବା ନିମନ୍ତେ ଘୋଷଣା ହୋଇଥିଲା; ହେଲେ ଆଜିଯାଏ କେବଳ ଘୋଷଣାରେ ସୀମିତ ରହିଛି। ପୁନରୁଦ୍ଧାର କରାଯାଉ ନ ଥିବାରୁ ଜଳଧାରଣ କ୍ଷମତା ହ୍ରାସ ପାଇବା ସହିତ ଏହି ବୃହତ ଜଳାଶୟ ଦଳରେ ଭର୍ତ୍ତି ହୋଇରହିଛି। ଶୀତ ଆରମ୍ଭ ହେବାପରେ ଋଷ, ସାଇବେରିଆ ସମେତ ବିଭିନ୍ନ ଦେଶରୁ ରଙ୍ଗବେରଙ୍ଗର ତଥା ବିରଳ ପ୍ରଜାତିର ବିଦେଶାଗତ ପକ୍ଷୀ ମଧ୍ୟ ଏଠାକୁ ଆଗମନ ହୋଇଥାନ୍ତି। ଜଳାଶୟର ଉପରମୁଣ୍ଡରେ ଶାଳଜଙ୍ଗଲ ସାଙ୍ଗକୁ ବୃହତ ଜଳରାଶିରେ ବିଦେଶାଗତ ପକ୍ଷୀଙ୍କ ଜଳକ୍ରୀଡା ପର୍ଯ୍ୟଟକଙ୍କ ମନମୋହି ନେଇଥାଏ; ମାତ୍ର ଜିଲ୍ଲାପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗର ଅବହେଳା ଏବଂ ବିଭାଗର ଆନ୍ତରିକତା ଅଭାବ ପାଇଁ ପର୍ଯ୍ୟଟକ ନିରାଶରେ ଫେରୁଛନ୍ତି। ଫଳରେ ଏଠାକୁ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଉଛି। ଏହି ବନ୍ଧକୁ ପୁନରୁଦ୍ଧାର କରାଯାଇ ଏଠାରେ ବୋଟିଂ ଏବଂ ପାର୍କର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ। ତେବେ ଏ ନେଇ କ୍ଷୁଦ୍ରଜଳସେଚ ବିଭାଗର ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଦାଶଙ୍କୁ ଯୋଗାଯୋଗ କରିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ଶତକଡା ୬୦-୪୦ ପ୍ରତିଶତ ହାରରେ ୩କୋଟି ଟଙ୍କାର ଅନୁଦାନ ବନ୍ଧ ଏବଂ କେନାଲର ଉନ୍ନତିକରଣ ପାଇଁ ମିଳିଥିଲା। ତତ୍କାଳୀନ ୫-ଟି ସଚିବ ତଥା ବର୍ତ୍ତମାନର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଞ୍ଚଳବାସୀ ଏକ ଦାବିପତ୍ର ଦେବା ପରେ ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ପାଇଁ ଏକ କୋଟି ଟଙ୍କା ଏବଂ ପାଉଶିଆ ବନ୍ଧ ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ମିଳିଛି ବୋଲି କହିଛନ୍ତି। ଆସନ୍ତା ଏକସପ୍ତାହ ମଧ୍ୟରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଇଂ. ଦାଶ ସୂଚନା ଦେଇଛନ୍ତି

● ନୂଆସାହି ଡିଗ୍ରୀ କଲେଜରେ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦଯାପିତ

# ଓମ୍‌ପ୍ରକାଶ ପଣ୍ଡା ଓ ସରିତା ପାତ୍ର ଶ୍ରେଷ୍ଠ ସ୍ୱେଚ୍ଛାସେବୀ




କପ୍ତିପଦା,୨।୧(ସମିସ): ନୂଆସାହି ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନାରେ ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଶିବିର ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପୁରୁଷ ପ୍ରୋଗ୍ରାମ ଅଫିସର ଲମ୍ବୋଦର ବାରିକ ଓ ମହିଳା ଅଧିକାରିଣୀ ମଞ୍ଜନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୦୦ ଜଣ ଶିବିରାର୍ଥୀ ପୋଷ୍ୟଗ୍ରାମ ସାନଖଲାଡ଼ି ତଥା ଆଖପାଖ ଅଞ୍ଚଳରେ ଜନସଚେତନତା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ, ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ଶିବିରାର୍ଥୀମାନେ ପରିବେଷଣ କରିଥିଲେ। ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର, ସ୍ୱଚ୍ଛତା,ଶିକ୍ଷା, ସ୍ୱାସ୍ଥ୍ୟ, ଭୋଟର ସଚେତନ, ସଡକ ସୁରକ୍ଷା, ନିଶା ନିବାରଣ, ସୂଚନାଧିକାର, ଶୂନ୍ୟବଜ୍ରପାତ ମୃତ୍ୟୁ, ଅଗ୍ନି ସୁରକ୍ଷା, ହାତଧୁଆ କୌଶଳ ଇତ୍ୟାଦି ଶିବିରାର୍ଥୀମାନଙ୍କ ଦ୍ୱାରା ବାର୍ତ୍ତା ପ୍ରଦାନ କରାଯାଇଥିଲା।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଦଳା କଲେଜର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ସନ୍ତୋଷ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପ୍ରୋଗ୍ରାମ ଅଫିସର ତଥା କୁଣ୍ଡବାଇ କଲେଜର ଶିକ୍ଷା ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ପ୍ରାମାଣିକ, ଜାମବଣି ସରପଞ୍ଚ ପିଙ୍କି ମାଝୀ, ଶିକ୍ଷକ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ଶାନ୍ତସୁନ୍ଦର ଆଚାର୍ଯ୍ୟ, ବିଭୁରଞ୍ଜନ ବିଶ୍ୱାଳ, ସଞ୍ଜୟ କୁମାର ସେନାପତି, ଲମ୍ବୋଦର ବାରିକ, ଅଧ୍ୟାପିକା ସୁଜାତା ପ୍ରଧାନ, ମଧୁମିତା ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ସ୍ୱେଚ୍ଛାସେବୀ ମୋନାଲିସା ବେହେରା ଅତିଥି ପରିଚୟ ଓ ମାନସୀ ମିଶ୍ର ବିବରଣୀ ପାଠ କରିଥିଲେ। ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିବିରାର୍ଥୀଙ୍କୁ ପୁରସ୍କୃତ କରିବା ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ଓମ୍‌ପ୍ରକାଶ ପଣ୍ଡା ଓ ସରିତା ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧିକାରିଣୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମାନବାଧିକାର ମିଶନର ବନ୍ଧୁମିଳନ

ବେତନଟୀ,୨।୧(ସମିସ): ମାନାବାଧିକାର ମିଶନ ବେତନଟୀ ଶାଖା ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ବ୍ଲକ ସଭାପତି ଶିକ୍ଷାବିତ ଶଶଧର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନବାଧିକାର ମିଶନର ରାଜ୍ୟ ଉପସଭାପତି, ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟା ପ୍ରମୁଖ ସାମିଲ ହୋଇଥିଲେ। ପାଉଶିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୁଣା ବର୍ଷକୁ ବିଦାୟଦେଇ ନୂତନ ବର୍ଷକୁ ସ୍ୱାଗତ ସହିତ ନୂତନବର୍ଷରେ ମାନବାଧିକାର ମିଶନକୁ ଏକ ନୂତନ ସୋପାନରେ ପହଞ୍ଚାଇବାକୁ ଆଲୋଚନା ହୋଇଥିଲା। ସମାଜର ଦୁଃସ୍ଥ, ଅସହାୟଙ୍କୁ ସହାୟତାର ହାତ ବଢାଇବା ସହିତ ଯେଉଠାରେ ମାନବାଧିକାର ଉଲଙ୍ଘନ ହେଉଛି ସେଠାରେ ମୀଶନ ପକ୍ଷରୁ କିଭଳି ତତ୍ପରତାର ସହିତ ଆବଶ୍ୟକ ଗଠନମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତି ବସନ୍ତ ମହାନ୍ତ, ଜିଲ୍ଲା ସଭାପତି ଶିରିଶଚନ୍ଦ୍ର ବାରିକ, ଆଇନଜୀବୀ ଭଗୀରଥ ପଣ୍ଡିତ, ସମାଜସେବୀ ପ୍ରକାଶ କୁମାର ବେହେରା, ବ୍ୟବସାୟୀ ରଞ୍ଜନ କୁମାର ମହାନ୍ତି, ସୁନୀଲ ଖଣ୍ଡେଲୱାଲ, ସଞ୍ଜୟ କୁମାର ମିଶ୍ର, ସୀତାନାଥ ବେହେରା, ଡ. ଚନ୍ଦ୍ରଶେଖର ମହାନ୍ତ, ଶ୍ୟାମାପ୍ରସାଦ ମଢୁଆଲ, ଡ. ରାଜଶ୍ରୀ ସାହୁ, ମଙ୍ଗଳ ସମ୍ପ୍ରସାରଣ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପିକା ସଞ୍ଜୁକ୍ତା ଜୀଙ୍କ ସମେତ ସେମାନଙ୍କ ପରିବାରବର୍ଗ ମଧ୍ୟ ସାମିଲ ହୋଇଥିଲେ।

## ଅଟୋ ସଂଘ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା




ଖୁଣ୍ଟା,୨।୧(ସମିସ): ନୂଆବର୍ଷକୁ ଦୃଷ୍ଟିରେ ରଖି ଖୁଣ୍ଟା ଅଟୋ ଆସୋସିଏସନ ଓ ପୁଲିସ ପକ୍ଷରୁ ସଡକ ସୁରକ୍ଷା ନିୟମ ସଂପର୍କରେ ସଚେତନତା କରାଯାଇଥିଲା। ଏହି ଅବସରରେ ଉଦଳା-ଖୁଣ୍ଟା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ପୁରୁଣାପାଣି ଛକଠାରେ ଗାଡି ଚାଳକଙ୍କୁ ଗାଡି ଚଳାଇବା ସମୟରେ ହେଲ୍‌ମେଟ୍ ପରିଧାନ କରିବା, ମୋବାଇଲ୍ ବ୍ୟବହାର ଓ ନିଶା ସେବନ କରି ଗାଡି ନଚଳାଇବା, ଦ୍ରୁତଗତିରେ ଗାଡି ନ ଚଳାଇବା, ରାସ୍ତା ଅତିକ୍ରମ କରିବା ସମୟରେ ବାମ ଓ ଡାହାଣ ପାର୍ଶ୍ୱକୁ ଭଲ ଭାବେ ଦେଖିବା, ସିଟ୍ ବେଲ୍ଟ ବ୍ୟବହାର, ଆମ୍ବୁଲାନ୍ସ ଓ ଦମକଳ ଗାଡିକୁ ରାସ୍ତା ଛାଡିଦେବା ଆଦି ନିୟମ ସଂପର୍କରେ ସଚେତନ କରାଯାଇଥିଲା। ଦୁର୍ଘଟଣା ଜନିତ ମୃତ୍ୟୁହାର ବୃଦ୍ଧି ପାଉଥିବା ବେଳେ ସଚେତନତା ହିଁ ଦୁର୍ଘଟଣା ରୋକିବାରେ ସହାୟକ ହେବ। ତେଣୁ ଏଥିପ୍ରତି ନିଜେ ସଚେତନ ହେବା ସହ ଅନ୍ୟ ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ଲାଗି ଏସଆଇ ସସ୍ମିତା ମୁର୍ମୁ, ସାନଖୁଣ୍ଟା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ମହାନ୍ତି, ଅଟୋ ସଂଘର ଉପସଭାପତି ହରିହର ସଦୁଆଳ, ସମ୍ପାଦକ ଅବଜନୀପତି ସଦୁଆଳ ପ୍ରମୁଖ ଗାଡ଼ି ଚାଳକଙ୍କୁ ନିବେଦନ କରିଥିଲେ।

## ବଣଭୋଜି ସ୍ଥାନରେ କମ୍ବଳ ବଣ୍ଟନ

ବାରିପଦା, ୨।୧(ସମିସ): 'ଜାଗ ମୟୂରଭଞ୍ଜ ଜାଗ'ର ସଦସ୍ୟମାନେ ନୂତନ ବର୍ଷ



ଉପଲକ୍ଷେ ବଣଭୋଜି କରିବାକୁ ଶିମିଳିପାଳ ଜାତୀୟ ଉଦ୍ୟାନରେ ଥିବା ସୀତାକୁଣ୍ଡରେ ବଣଭୋଜି କରିଥିଲେ। ପରେ ଶିମିଳିପାଳ ପାଦଦେଶରେ ରହୁଥିବା କିଛି ଆଦିବାସୀ ଲୋକ ଉକ୍ତ ସ୍ଥାନରେ ସଫେଇ କରୁଥିବାର ଦେଖି ଉକ୍ତ ଲୋକଙ୍କୁ 'ଜାଗ ମୟୂରଭଞ୍ଜ ଜାଗ'ର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ସହିତ ସମସ୍ତ ସଦସ୍ୟ ମିଶି ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ଜାଗ ମୟୂରଭଞ୍ଜ ଜାଗ' ମହିଳା ଶାଖା ଜିଲ୍ଲା ଶୋଭାନେତ୍ରୀ ତପସ୍ୱିନୀ ରଣା, ସାବିତ୍ରୀ ନାୟକ, ସୁଲୋଚନା ବେହେରା, ରୂପାଲି ବେହେରା, ଇପ୍ସିତା ବେହେରା, ସିତାମଣୀ ମୁର୍ମୁ, ମିନତୀ ସେଠୀ, ଶ୍ୟାମସୁନ୍ଦର ବେହେରା ଓ ଆରତୀ ସେଠୀ ଉପସ୍ଥିତ ଥିଲେ।

### ଜାତୀୟ ସିନିୟର, ଜୁନିୟର ଏବଂ ୟୁଥ ଚାମ୍ପିଅନସିପ୍‌ରେ ସଫଳତା

## ପୁଣି ଚମକିଲେ ଓଡ଼ିଆ ଝିଅ ସ୍ନେହା ସୋରେନ

ବେତନଟୀ,୨।୧(ସମିସ): ଅରୁଣାଚଳ ପ୍ରଦେଶର ଇଟାନଗରଠାରେ ଆୟୋଜିତ ଜାତୀୟସ୍ତରୀୟ ସିନିୟର, ଜୁନିୟର ଏବଂ ୟୁଥ ଚାମ୍ପିଅନସିପ୍‌ରେ ଭାରତୋଳନ କରି ଓଡିଶା ଝିଅ ସ୍ନେହା ସୋରେନ ସ୍ୱର୍ଣ୍ଣପଦକ ଏବଂ ଓପନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ମୀନା ସିଂ କାଂସ୍ୟପଦକ ହାସଲ କରିଛନ୍ତି। ଇଟାନଗରଠାରେ ଗତ ୨୮ ତାରିଖରୁ ଜାନୁଆରୀ ୭ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟସ୍ତରୀୟ ଭାରତୋଳନ ଚାମ୍ପିଅନସିପ୍‌ରେ ବେତନଟୀଥାନାଅଧୀନଲଙ୍ଗଳକଟାଶକ୍ତିମାନଜିମ୍ନାସିୟମରସ୍ନେହା ସୋରେନଙ୍କ ସମେତ ମୀନା ସିଂ ଅଂଶଗ୍ରହଣ କରିଥିଲେ। ସିନିୟର ବର୍ଗର ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ସ୍ନେହା ସୋରେନ ୫୫କିଲୋଗ୍ରାମ ବର୍ଗରେ ୮୨ କିଲୋ ସ୍ନାଚ୍ ଏବଂ ୧୦୭ କିଲୋ ଜାର୍କ ଏପରି ମୋଟ ୧୮୯ କିଲୋଗ୍ରାମର ଭାରତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଓପନ ଚାମ୍ପିଅନସିପରେ ସ୍ନେହା ଭାରତୋଳନ କରି ରୌପ୍ୟପଦକ ହାସଲ କରିଛନ୍ତି। ଅନୁରୂପଭାବେ ମୀନା ସିଂ ୟୁଥ୍ ବିଭାଗର ୪୯କିଲୋଗ୍ରାମ ବର୍ଗରେ ୬୪କିଲୋ ସ୍ନାଚ୍ ଏବଂ ୮୫କିଲୋ ଜାର୍କ ଏପରି ୧୪୯ କିଲୋଗ୍ରାମର ଭାରତୋଳନକରି କାଂସ୍ୟପଦକ ହାସଲ କରିଛନ୍ତି। ତେବେ ଜାତୀୟସ୍ତରୀୟ ଚାମ୍ପିଅନସିପ୍‌ରେ ସ୍ନେହା ସୋରେନଙ୍କ ସଫଳତା ଓଡିଶା ପାଇଁ ଗର୍ବ ଏବଂ ଗୌରବର ବିଷୟ। ଏହି ସଫଳତା ପରେ କୋଚ୍ ପରେଶଚନ୍ଦ୍ର ମହାନ୍ତଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ। ଦୁଇ ଓଡିଆଝିଅଙ୍କ ସଫଳତାରେ ମୟୂରଭଞ୍ଜ ୱେଟଲିଫ୍ଟିଂ ଆସୋସିଏସନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସଭାପତି ନବକୁମାର ସାହୁ, ଉପସଭାପତି ବିଜୟ କୁମାର ମିଶ୍ର, ଜୀତେନ୍ଦ୍ର ବେହେରା, ଯୁଗ୍ମସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଜୟ ଦାସ, ଉପଦେଷ୍ଟା ଶଙ୍କର କୁମାର କର, ମନୋଜ ରାଉତ, ପ୍ରିୟବ୍ରତ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




## ନିହିତ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାକୁ ମନୋନୀତ



ବହଳଦା, ୨।୧(ସମିସ): ଓଡ଼ିଶା ରାଜ୍ୟ ତୀରନ୍ଦାଜ ଆସୋସିଏସନ୍ ପକ୍ଷରୁ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ୯ ବର୍ଷରୁ କମ୍ ବର୍ଗ ତୀରନ୍ଦାଜ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ କୁଲଗି ଗାଁର କୁନି ତୀରନ୍ଦାଜ ନିହିତ କୁମାର ମହାନ୍ତ ବିଜୟୀ ହୋଇ ଜାତୀୟସ୍ତରକୁ ମନୋନୀତ ହେଇଛନ୍ତି। ସେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇ ଥିବା ପ୍ରତିଯୋଗୀଙ୍କୁ ପଛରେ ପକେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିହିତ ଏବେ ବହଳଦା ବ୍ଲକ ବାସିଙ୍ଗି ଶିଶୁ ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର। ସେ ବିଞ୍ଝିଆ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶୀତଲ ଚନ୍ଦ୍ର ମହାନ୍ତଙ୍କ ଏକମାତ୍ର ପୁତ୍ର। ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ସେ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କର ଏହି ସଫଳତାରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପଙ୍କଜ ରାଉତ ଓ ଯୁବ ସଂଗଠକ ଅତନୁ କୁମାର ମହାନ୍ତି, ବିଶ୍ୱଜିତ ଦତ୍ତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ପରଲୋକ

ଖିଚିଂ,୨।୧(ସମିସ): ମା' କୀଚକେଶ୍ୱରୀ +୨ ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଶଶିଭୂଷଣ ମହାକୁଡ଼ଙ୍କ ଗତକାଲି ସନ୍ଧ୍ୟାରେ ପରଲୋକ ଘଟିଛି।



ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ଅଧ୍ୟକ୍ଷ ବଳଭଦ୍ର ଘଡ଼ାଇ, ପ୍ରାଧ୍ୟାପକ ଘନଶ୍ୟାମ ମହାନ୍ତ, ମିତ୍ରଭାନୁ ପ୍ରଧାନ, ଅଜୟ ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ ଜଣେ କର୍ମଠ, ଅମାୟିକ ଓ ଛାତ୍ରବତ୍ସଳ ପ୍ରାଧ୍ୟାପକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସିଦାହରା ସୁସାର ଆକାଳାର ବନ୍ଧୁମିଳନ




ରାଇରଙ୍ଗପୁର,୨।୧(ସମିସ): ଆଦିବାସୀ ହୋ ସମାଜର ସର୍ବପୁରାତନ ସାମାଜିକ ସଂଗଠନ ସିଦାହରା ସୁସାର ଆକାଳା ରାଇରଙ୍ଗପୁର ଶାଖା ତରଫରୁ ବିଜାତଳା ବ୍ଲକର ଯୋଡ଼ାମହୁଲଠାରେ ବାର୍ଷିକ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ପଦ୍ମଚରଣ ବାନାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତଟ ରେଳବାଇର ପୂର୍ବତନ ମହାପ୍ରବନ୍ଧକ ଅର୍ଜୁନ ମୁନ୍ଦୁୟା ଏବଂ ସମ୍ମାନିତ ଅତିଥି ରୂପେ ସିଦାହରା ସୁସାର ଆକାଳାର ପୂର୍ବତନ ରାଜ୍ୟ ସଭାପତି ଚିନ୍ତାମଣି ହେମ୍ବ୍ରମ ଯୋଗ ଦେଇଥିଲେ। ହୋ ସମାଜର ଲୋକମାନେ ଅନ୍ଧବିଶ୍ୱାସ, କୁସଂସ୍କାରଠାରୁ ଦୂରେଇ ରହି ଆଗକୁ ଯେପରି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସମସ୍ତଙ୍କର ଉଦ୍ୟମ ରହିବା ଦରକାର। ବର୍ତ୍ତମାନ ଯୁବପିଢ଼ିଙ୍କ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯୁବପିଢ଼ି ନିଜର ବହୁମୂଲ୍ୟ ସମାଜର ସଦୁପଯୋଗ କରିବା ସହିତ ସମାଜର ସଂସ୍କାରମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସିଦାହରା ସୁସାର ଆକାଳା ତରଫରୁ ଜୟପାଲ ସିଂ ମୁନ୍ଦୁୟା, ବିଜୟ କୁମାର ମୁନ୍ଦୁୟା, ଗଣେଶ୍ୱର ଗୋଡସରା, ଅନୀଲ ବିରୁଆ, ଚୌଧୁରୀ ହେମ୍ବ୍ରମ, ଯୋଗେଶ୍ୱର ଚାତାର, ଟିକୁନ ଜେରାଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପର୍ଯ୍ୟଟନ ଋତୁରେ ମା' କୀଚକେଶ୍ୱରୀ ପୀଠ ଚଳଚଞ୍ଚଳ

ଖିଚିଂ, ୨।୧(ସମିସ): ପର୍ଯ୍ୟଟନ ଋତୁ ଆସିଲେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ସ୍ଥିତ ମା' କୀଚକେଶ୍ୱରୀ ମନ୍ଦିରରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। ଏହି ମନ୍ଦିର ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି। "ରାଜଶ୍ରୀ ରାୟ ଭଞ୍ଜସ୍ୟ ଲୋକେଶ ଭଗବାନସ୍ଥ ଶ୍ରିଧରଣୀ ବରାହେନ ସହକୀର୍ତ୍ୟା ବିନିର୍ମିତଃ' ରାଜା ରାୟ ଭଞ୍ଜ ଆଜ୍ଞା ଅନୁସାରେ ଧରିଣୀ ବରାହ ଶିଳ୍ପୀ ଏ କୀର୍ତ୍ତି ନ ନିର୍ମାଣ କରିଥିଲେ; ଯାହ ନବମ ଦଶମ ଶତାବ୍ଦୀର ବୋଲି ଐତିହାସିକମାନେ ମତ ଦେଇଛନ୍ତି। ପୁରାତନ ମନ୍ଦିରର ଭଗ୍ନାବଶେଷକୁ ସଂଗ୍ରହ କରି ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ୧୯୩୪ ମସିହାରେ ପୁରୁଣା କାରୁକାର୍ଯ୍ୟକୁ ନେଇ ନିର୍ମାଣ କରିଥିଲେ; ଯାହା ଅଦ୍ୟାବଧି ଜନସାଧାରଣଙ୍କୁ ଆକୃଷ୍ଟ କରୁଛି। କଳା ମୁଗୁନି ପଥରର ସୂକ୍ଷ୍ମ କାରୁକାର୍ଯ୍ୟ ନିଖୁଣ କଳା ଭାସ୍କର୍ଯ୍ୟର ଗାରିମା ଭକ୍ତ ଓ ଗବେଷକଙ୍କୁ ଆତ୍ମବିଭୋର କରୁଛି। ଖିଚିଂ ମନ୍ଦିରର ଉଭୟ ପାଶ୍ୱର୍ରେ ବିରାଟ ଗଡ ଓ କୀଚକଗଡର ଭଗ୍ନାବଶେଷ ଅଦ୍ୟାବଧି ଦେଖିବାକୁ ମିଳେ। କୀଚକେଶ୍ୱରୀଙ୍କ ନାମକରଣର ମାହାତ୍ମ୍ୟ କିଚକଙ୍କର ଈଶ୍ୱରୀ ବୋଲି କୀଚକେଶ୍ୱରୀ ନାମ କରଣ ହୋଇଛି। ଐତିହାସିକଙ୍କ ମତ ଅନୁସାରେ ଖିଚିଂ ଯେତେବେଳେ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ଥିଲା, ସେତେବେଳେ ଏହା ଷୋହଳ ବର୍ଗ ମାଇଲ ବିଶିଷ୍ଟ ସହର ଥିଲା। ଭଞ୍ଜବଂଶର ଷୋଡଶତମ



ରାଜା ମହାରାଜା କୋଟ୍ୟା ଭଞ୍ଜ ଥିଲେ। ସେ ରାଜ୍ୟର ନାମ ଦେଇଥିଲେ ଖିଚିଂ କୋଟା। କିଛି କାଳ ପରେ କ୍ରମେ ଅପଭ୍ରଂଶ ହୋଇ ଖିଚିଂ ରୂପେ ପରିଣତ ହେଲା। ସେତେବେଳେ ଏଠାରେ ହିନ୍ଦୁ, ବୌଦ୍ଧ, ଜୈନ, ଶୈବ, ଶକ୍ତ ଆଦି ଧର୍ମାବଲମ୍ବୀ ପ୍ରଜା ବସବାସ କରୁଥିଲେ; ଯାହା କି ବର୍ତ୍ତମାନ ମଧ୍ୟ ଏଠାରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ ଆଦିର କୀର୍ତ୍ତିରାଜି ବିଦ୍ୟମାନ ରହିଛି। ମା' କୀଚକେଶ୍ୱରୀଙ୍କ ପାଶ୍ୱର୍ରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବ ମନ୍ଦିର ରହିଛି। ଏହି ମନ୍ଦିରର ଅନତିଦୂରରେ ଶ୍ରୀ ଶ୍ରୀ ମୃତ୍ୟୁଞ୍ଜୟ ମହାଦେବ ମନ୍ଦିର ମଧ୍ୟ ସେ ସମୟର କୀର୍ତ୍ତିରାଜିର ପ୍ରମାଣ ଦେଉଛି। ମା'ଙ୍କ ପୀଠରେ ସର୍ବ ପୁରାତନ ସଂଗ୍ରହାଳୟ ମୟୂରଭଞ୍ଜ ମହାରାଜା ପୁରୁଣା କୀର୍ତ୍ତିରାଜିର ସୁରକ୍ଷା ପାଇଁ ୧୯୨୨ ମସିହାରେ ପ୍ରତିଷ୍ଠା କରିଥଲେ। ସଂରକ୍ଷିତ ଥିବା ମୂର୍ତ୍ତିମାନଙ୍କ ମଧ୍ୟରୁ ହର, ଚଣ୍ଡ, ପ୍ରଚଣ୍ଡ, ଅର୍ଦ୍ଧନାରୀଶ୍ୱର, ବିଷ୍ଣୁ, ବରାହୀ, ବୁଦ୍ଧ, ଜୈନ, ନାଗକନ୍ୟା, ନାଗ ପୁରୁଷ, ଗଙ୍ଗା ଓ ଯମୁନା ଆଦି ମୂର୍ତ୍ତି ଦେଖିବାକୁ ମିଳେ। ପର୍ଯ୍ୟଟକଙ୍କ ରହିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ଏକ ପାନ୍ଥଶାଳା ମଧ୍ୟ ବ୍ୟବସ୍ଥା ରହିଛି। ପୂର୍ତ୍ତ ବିଭାଗର ଏକ ଡାକ ବଙ୍ଗଳା ମଧ୍ୟ ରହିଛି। ପୁରୁଣାଗଡ ତଥା ଭଣ୍ଡନ ନଦୀ ପାଶ୍ୱର୍ରେ ବଣଭୋଜି ପାଇଁ ଏକ ମନୋରମ ସ୍ଥାନ ରହିଛି। ଏହି ମନ୍ଦିର ଜିଲ୍ଲା ସଦରମହକୁମା ବାରିପଦାରୁ ଭାୟା ଯଶିପୁର ଦେଇ ଆସିଲେ ୧୩୫ କିମି ଏବଂ କେନ୍ଦୁଝରରୁ ଖିଚିଂକୁ ମାତ୍ର ୪୫ କିମି ଦୂରତା ରହିଛି। ଭୁବନେଶ୍ୱରଠାରୁ ୨୪୫ କିମି ଦୂରତା ଥିବା ସ୍ଥଳେ ସିଧାସଳଖ ଦିବାରାତ୍ର ଘରୋଇ ବସ୍‌ର ମଧ୍ୟ ସୁବିଧା ରହିଛି।

# ପର୍ଯ୍ୟଟକଙ୍କ ମନମୋହୁଛି ସାଳନ୍ଦୀ ହଦଗଡ଼ ଡ୍ୟାମ୍



## କାମରେ ଲାଗୁନି ଶୌଚାଳୟ
## ପିଇବା ପାଣିର ନାହିଁ ସୁବିଧା





ହାଟଡିହି, ୨।୧ (ସମିସ)

କେନ୍ଦୁଝର ଜିଲା ହାଟଡିହି ବ୍ଲକର ପ୍ରକୃତିର ରାଣି ଓ ହଦଗଡ ହସ୍ତୀ ଅଭୟାରଣ୍ୟରେ ଥିବା ସାଳନ୍ଦୀ ହଦଗଡ ଡ୍ୟାମ ଜିଲ୍ଲା ତଥା ରାଜ୍ୟର ପରିଚୟ ସୃଷ୍ଟି କରିଛି। ଏହି ଡ୍ୟାମର ପାଣି କେନ୍ଦୁଝର, ଭ୍ରଦକ ଓ ବାଲେଶ୍ୱର ଜିଲ୍ଲାକୁ ଯୋଗାଇବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଡ୍ୟାମର ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଯାହାକୁ ନେଇ କେନ୍ଦୁଝର, ଯାଜପୁର, ଭଦ୍ରକ, ପଶ୍ଚିମବଙ୍ଗ ଓ ବାଲେଶ୍ୱର ଇତ୍ୟାଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ତା'ଛଡା ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନର ସହ ସହ କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ ହଦଗଡ ବୁଲିବାକୁ ଆସିଥାନ୍ତି। ସାଳନ୍ଦୀ ନଦୀର କୁଳୁକୁଳୁ ଶବ୍ଦର ପାଣି ଓ ଜଳଭଣ୍ଡାରର ନିଳିପାଣିର ଢେଉ ଏବଂ ପାରିପାଶ୍ୱର୍ ପାହାଡ ଜଙ୍ଗଲ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ତା'ଛଡା ନଦୀକୂଳର ଦୁଇ ପାର୍ଶ୍ୱର ବଣଭୋଜି ଏକ ନିଆରା ସୃଷ୍ଟି କରିଥାଏ। ଯାହାକୁ ନେଇ ଶହ ଶହ ଲୋକ ନଭେମ୍ବର ମାସ ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବଣଭୋଜିର ଆସର ଓ ପର୍ଯ୍ୟଟଙ୍କ ଭିଡ ରହିଥାଏ। ବିଭିନ୍ନ ସମୟରେ ବାହାର ଦେଶରୁ ମଧ୍ୟ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳିଥାଏ। ଶୀତ ଦିନରେ ନୂତନ ପକ୍ଷୀଙ୍କର ଆଗମନ ହୋଇ ଜଳଭଣ୍ଡାରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ।

ବଡ଼ଦିନରୁ ନୂଆବର୍ଷ ଯାଏଁ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ନଦୀ କୁଳରେ ବଣଭୋଜିର ଆସର ମେଲୁଛି। କିନ୍ତୁ ଏଥିପ୍ରତି ପ୍ରଶାସନ ପର୍ଯ୍ୟଟକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ କୌଣସି ସୁବିଧା କରୁନଥିବାରୁ ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ସମସ୍ୟାରେ ସମ୍ମୁଖିନ ହୋଇଥାନ୍ତି। ସେହି ନଦୀ କୁଳରେ ଥିବା ଶୌଚାଳୟ ରକ୍ଷାଣବେକ୍ଷଣ ଓ ପାଣିର ସୁବିଧା ନ ଥିବାରୁ ତାହା ଏବେ ଗଛ ଲତାରେ ଲୁଚିଗଲାଣି। ଅନ୍ୟପକ୍ଷରେ ବ୍ଲକ ଓ ଜଳସେଚନ ବିଭାଗ ପକ୍ଷରୁ ଉନ୍ନତମାନର ଶୌଚାଳୟ ଡ୍ୟାମ ପାଖରେ ନିର୍ମାଣ କରାଯାଇଥିଲେ ମଧ୍ୟ ପାଣିଯୋଗାଣ ନାହିଁ। ଯାହାକୁ ନେଇ ସେ ଗୁଡିକ ତାଲା ଝୁଲୁଥିବା ବେଳେ ବ୍ଲକ ପକ୍ଷରୁ ନିର୍ମିତ ଶୌଚାଳୟଟି ଅସାମାଜିକଙ୍କ ଆଡ୍ଡା ସ୍ଥଳି ପାଲଟିଛି। ଫଳରେ ଶୌଚାଳୟ ଗୁଡିକ କାମରେ ନଲାଗି ତାଲା ଝୁଲୁଛି। ସେହିପରି ପିଇବା ପାଣିର ସୁବିଧା ନାହିଁ। ଯାହାକୁ ନେଇ ପର୍ଯ୍ୟଟକମାନେ ପାଣି ବୋତଲ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଯଦି ପ୍ରଶାସନ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇ ପର୍ଯ୍ୟଟକଙ୍କୁ ସୁବିଧା କରାଇ ପାରନ୍ତା ତେବେ ପର୍ଯ୍ୟଟକଙ୍କର ସୁବିଧା ହୋଇପାରନ୍ତା। ହଦଗଡ ସାଳନ୍ଦୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର କରୁଥିବାରୁ ଏଥିପ୍ରତି ପ୍ରଶାସନ ତାର ଦାୟିତ୍ୱ ତୁଲାଇବା ସହିତ ସର୍ବନିମ୍ନ ପାଣି ଯୋଗାବାର ବ୍ୟବସ୍ଥା ଏବଂ ମହିଳାଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଗଲେ ପର୍ଯ୍ୟଟଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଜିଲ୍ଲାର ଗୌରବ ବୃଦ୍ଧି ପାଇ ପାରନ୍ତା ବୋଲି ବରିଷ୍ଠ ବ୍ୟକ୍ତି ତଥା ପୂର୍ବତନ ବ୍ଲକ ଅଧକ୍ଷ ପଶୁରାମ ପେଡା, ଭୁବନାନନ୍ଦ ପଟ୍ଟନାୟକ, ବିଦ୍ୟାଧର ପୁହାଣ, ରବିନ୍ଦ୍ର ବିଶ୍ୱାଳ, ଶରତ ରାଉତ(ଟୁକୁ), ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଇକ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ପୁର୍ବତନ ସରପଞ୍ଚ ସୁପ୍ରଭା ରାଉତ, ପୂର୍ବତନ ସରପଞ୍ଚ ନୁରୁପମା ପାତ୍ର, ପୂର୍ବତନ ସରପଞ୍ଚ ମଦନ ମୋହନ ନନ୍ଦୀ, ଯୁବ ସମାଜ ସେବୀ ବିଶ୍ୱନାଥ ଜେନା, ଶରତ ସେଠୀ ପ୍ରମୂଖ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଆନନ୍ଦପୁର କ୍ଷୁଦ୍ରସେଚ ବିଭାଗର ଦୃଷ୍ଟି ପଡିବ କେବେ

# ଅନାବନା ଗଛରେ ଲୁଚି ଗଲାଣି ତରଡିଆ ଡ୍ୟାମ୍



ଆନନ୍ଦପୁର, ୨।୧(ସମିସ)

ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗର ତରଡ଼ିଆ ପ୍ରକଳ୍ପ ରକ୍ଷଣାବେକ୍ଷଣ ଅଭାବରୁ ଡ୍ୟାମରେ ଦଳ ମାଡିଯାଇଥିବା ବେଳେ ଏହାର ସଫେଇ ହେଉନଥିବାରୁ କ୍ରମଶଃ ଜରାଜୀର୍ଣ୍ଣ ହୋଇପଡୁଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଥିବା ଦର୍ଶନୀୟ ସ୍ଥାନ ଗୁଡ଼ିକର ବିକାଶ ହୋଇ ପାରୁନଥିବାରୁ ସେଗୁଡ଼ିକ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବେଳେ ଦୁଇ ଜିଲ୍ଲା ସୀମାରେ ଥିବା ଏହି ତରଡ଼ିଆ ଡ୍ୟାମର ଆକର୍ଷଣ ଧୀରେ ଧୀରେ କମି ଯାଉଥିବା ଅନୁମାନ ହୋଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଡ୍ୟାମ୍ ଏକ ହ୍ରଦର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ଏହାର ପାରିପାଶ୍ୱର୍ିକ ବିକାଶ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ସମେତ ଏଠାକୁ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାଛଡା ପ୍ରତିବର୍ଷ ଶୀତଦିନେ ଏଠାରେ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ। ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଲୋକେ ଏଠାକୁ ବଣଭୋଜି କରିବା ପାଇଁ ଆସିଥାନ୍ତି। ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଉନଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ସୀମାନ୍ତରେ ଥିବା ତରଡ଼ିଆ ଡ୍ୟାମ ମୟୂରଭଞ୍ଜ ଜିଲ୍ଲାରେ ରହିଥିଲେ ମଧ୍ୟ ଏହା ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଛି। ଶୀତ ଦିନେ ଏଠାରେ ଭୋଜିଭାତ କରିବା ପାଇଁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଲୋକଙ୍କ ଭିଡ଼ ଜମିଥାଏ। ଉପରମୁଣ୍ଡରେ ଥିବା ଝରଣାକୁ ଲକ୍ଷ୍ୟ କରି ପ୍ରାୟ ୪୦ ବର୍ଷ ତଳେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏଠାରେ ଡ୍ୟାମ ନିର୍ମାଣ କରାଯାଇଥିଲା। ଆନନ୍ଦପୁର ଠାକୁରମୁଣ୍ଡା ରାସ୍ତାରେ ଗଲେ ଗୋଡଭଙ୍ଗାଠାରୁ ୧ କିମି ଦୂରରେ ରହିଛି ଏହି ଡ୍ୟାମ। ଡ୍ୟାମରୁ ବାହାରିଥିବା କେନାଲ ପାଣିରେ କୋଡପଡା ପଞ୍ଚାୟତର ଭୋଗପୁର, ଗୁଳାବନ୍ଧ, ଜୋରାଗଡିଆ, କୋଡପଡ଼ା, ତନେଇପାଳ ଅଞ୍ଚଳର ଚାଷଜମି ଜଳସେଚିତ ହେଉଛି। ବଣପାହାଡ ଘେରା ଅଞ୍ଚଳ ହୋଇଥିବାରୁ ଏହି ଡ୍ୟାମର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହାଛଡା ନିକଟବର୍ତ୍ତୀ ଗୋଡ଼ବଙ୍ଗା, ଜୋରାଗଡିଆ ଗ୍ରାମର ଶହେରୁ ଅଧିକ ମତ୍ସ୍ୟଜୀବୀ ପରିବାର ଡ୍ୟାମରୁ ମାଛ ଧରି ଜିବୀକା ନିର୍ବାହ କରନ୍ତି। ଦଳ ସଫା ସାଙ୍ଗକୁ ଡ୍ୟାମର ପୁନଃରୁଦ୍ଧାର ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହାର ସଦୁପୋଯୋଗ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡ୍ୟାମରୁ ଦଳ ସଫା କରିବା ସହ ଏହାର ପୁନରୁଦ୍ଧାର ଓ ପାରିପାଶ୍ୱର୍ିକ ବିକାଶ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଶ୍ରୀଝାଡ଼େଶ୍ୱର ପୀଠ ବିକାଶ ପାଇଁ ମିଳିଲା ୩୦ ଲକ୍ଷ

## ନିର୍ମାଣ କାର୍ଯ୍ୟର ତଦାରଖ କଲେ ବିଧାୟକ

ଆନନ୍ଦପୁର, ୨।୧ (ସମିସ)

ରାଜ୍ୟ ସରକାରଙ୍କ '୫-ଟି' ଅନୁଦାନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହିତ ଏହାକୁ ତ୍ୱରିତ ଗତିରେ ସମ୍ପୂର୍ଣ୍ଣ କରିବା ପାଇଁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିବା ଜଣାଯାଇଛି। ସେହିକ୍ରମରେ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଝାଡ଼େଶ୍ୱର ମହେଶଙ୍କ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର ଯୋଗାଇ ଦେଇଥିବା ୩୦ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଆନନ୍ଦପୁର ବ୍ଲକ ଜରିଆରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟକୁ ବ୍ଲକ୍ ପ୍ରଶାସନିକ ଅଧିକାରୀ ଓ ଯନ୍ତ୍ରୀ ମାନେ ତଦାରଖ କରୁଥିବା ବେଳେ ଆଞ୍ଚଳିକ ଯୁବ ଗୋଷ୍ଠୀ ଓ ଶ୍ରୀଝାଡ଼େଶ୍ୱର ମହେଶଙ୍କ ଶ୍ରଦ୍ଧାଳୁମାନେ ସହଯୋଗ କରୁଥିବା ସମୀକ୍ଷା କାଳରେ ଜଣାଯାଇଛି। ବିଧାୟକ ଶ୍ରୀ ସେଠୀଙ୍କ ପରିଦର୍ଶନ କାଳରେ ସ୍ଥାନୀୟ ଯୁବନେତା ଅଜୟ କୁମାର ସାହୁ, ମନୋରଞ୍ଜନ ସାହୁ, ଇଂ.କିଶୋର କୁମାର ରଥ, ପ୍ରକାଶ ସାହୁ, ଆଶିଷ ବେହେରା, ତୋଫାନ ସାହୁ, କ୍ଷେତ୍ରବାସୀ ସାହୁ, ପଙ୍କଜ ସାହୁ, ନିରଞ୍ଜନ ସାହୁ, ପରେଶ ସେଠୀ, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ ଆସନ୍ତା ମାର୍ଚ୍ଚ ମାସରେ ପବିତ୍ର ଶିବରାତ୍ରି ଓ ଜାଗରମେଳା ପୂର୍ବରୁ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଆନନ୍ଦପୁର ବ୍ଲକ ପ୍ରଶାସନକୁ ବିଧାୟକ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।



# ବେଳ ଗଡ଼ିଲେ ଗାଁମୁହାଁ ଭାଲୁ



ଗଁପୁର, ଅଙ୍ଗାରୁଆ ଲୋକ ଭୟଭୀତ

**ଘସିପୁରା,୨।୧(ସମିସ):** ଶୀତ ସରି ସରି ଆସିଲାଣି। ଖାଦ୍ୟ ଅନ୍ୱେଷଣରେ ବେଳ ବୁଡିଲେ ଗାଁ ମୁହାଁ ହେଉଛନ୍ତି ଭାଲୁ। ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ଗଁପୁର ଏବଂ ଅଙ୍ଗାରୁଆ ଗାଁରେ ଆଜି ଅପରାହ୍ନ ୫ଟା ସମୟରେ ଗଁପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଭାଲୁ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ହୋ ହାଲ୍ଲା କରିବାରୁ ଭାଲୁ ଅଙ୍ଗାରୁଆ ଗାଁ ଆଡକୁ ମୁହାଁଇଥିଲା। ଫଳରେ ଗାଁ ଲୋକେ ସନ୍ଧ୍ୟା ପରେ ଘରୁ ବାହାରିବାକୁ ଭୟ କରିଥିଲେ। ଗତ ବର୍ଷ ମଧ୍ୟ ସନ୍ଧ୍ୟା ପରେ ତିନୋଟି ଭାଲୁ ଅଙ୍ଗାରୁଆ ଗାଁ ଲୋକଙ୍କ ବାଡ଼ି ବଗିଚାରେ ଅବାଧରେ ପଶି ବରକୋଳି ସହ ବେଲ ଖାଇ ଉତ୍ପାତ ମଚାଇଥିଲେ। ଭାଲୁ ଏକ ହିଂସ୍ର ପ୍ରାଣୀ ହୋଇଥିବାରୁ ସଞ୍ଜ ପୂର୍ବରୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେବା ଘଟଣା ଧନଜୀବନ ପ୍ରତି ବିପଦ ଆଶଙ୍କା ବଢିଯାଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ସ୍ଥାନିୟ ବନବିଭାଗ ପକ୍ଷରୁ ଗ୍ରାମରେ କଡ଼ା ପହରା ଦେବା ସହ ବାଣ ଫୁଟାଇ ଭାଲୁକୁ ଘଉଡାଇବା ଗାଁ ଲୋକ ବନବିଭାଗ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ଅଦରକାରୀ କାଗଜ ଦେଖାଇଛି ରୋଜଗାର ବାଟ

# ସୌଖୀନ ସାମଗ୍ରୀ ତିଆରି କରି ମହିଳା ସ୍ୱାବଲମ୍ବୀ

ଘଷିପୁରା,୨।୧ (ସମିସ)

କାଗଜ ମଣ୍ଡରେ ଭଳିକି ଭଳି ଆକର୍ଷଣୀୟ ଦେବାଦେବୀ ମୂର୍ତ୍ତୀ, ଫୁଲକୁଣ୍ଡ, ପେନ୍‌ଷ୍ଟାଣ୍ଡ ସହ ଅନେକ ଆକର୍ଷଣୀୟ ସୌଖୀନ କଳାକୃତି ତିଆରି କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟୁନ ୧୦ଜଣ ମହିଳାଙ୍କୁ ଦେଖାଇଛନ୍ତି ରୋଜଗାର ବାଟ। ଘସିପୁରା ବ୍ଲକର ଶିଳ୍ପୀ ଗ୍ରାମ ଭାବେ ପରିଚିତ ଅଳତିର ମା'କାଳିଜାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କାଗଜମୁଖା ତିଆରି କରି ନିଜେ ଆତ୍ମ୍ ନିର୍ଭରଶୀଳ ହେବା ସହ ଅନେକ ମହିଳାଙ୍କୁ ଦେଖାଇଛନ୍ତି ରୋଜଗାର ବାଟ। ଗ୍ରାମର ମୀନତି ସାହୁଙ୍କ ନେତୃତ୍ୱରେ ୧୦ ଜଣ ମହିଳା ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ସଂଯୋଜନାରେ ୬ମାସିଆ ପ୍ରଶିକ୍ଷଣ ନେବା ପରେ ନିଜେ ଅଦରକାରୀ କାଗଜରୁ ମଣ୍ଡ ତିଆରି କରି ସେଥିରୁ ବିଭିନ୍ନ ଦେବାଦେବୀ ମୂର୍ତ୍ତୀ ସହ ଅନେକ ସୌଖୀନ ଜିନିଷ ତିଆରି କରିବା ସହ ସେଥିରେ ରଙ୍ଗ ଦେବା କାର୍ଯ୍ୟ ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟ ପରିଚାଳନାରେ ସରକାରଙ୍କ ତରଫରୁ ନିପୁଣ ଶିଳ୍ପୀଙ୍କ ଦ୍ୱାରା ୬ ମାସିଆ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତ୍ୟେକ ମହିଳା ସଦସ୍ୟଙ୍କୁ ମାସିକ ଏକ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଇଛି। ମହିଳାମାନେ ଘରେ ରୋଷେଇ ବାସ କାମ ସାରିବା ପରେ ଅଳ୍ପ ପରିଶ୍ରମରେ ଏହି କାମରୁ ଦି ପଇସା ରୋଜଗାର କରିପାରୁଥିବାରୁ ବେଶ ଖୁସି। କାଗଜ ତିଆରି ଜିନିଷ ବିକ୍ରିବଟା କରିବାକୁ ଗ୍ରାମାଞ୍ଚଳରେ ସେମିତି ବଜାର ସୁବିଧା ନଥିବାରୁ ଜିଲ୍ଲା ହସ୍ତଶିଳ୍ପ ସଂସ୍ଥାର ସୁପାରିସ କ୍ରମେ ଓରମାସ୍ ସହାୟତାରେ ଜିଲ୍ଲା ତଥା ଜିଲ୍ଲା ବାହାରେ ବିଭିନ୍ନ ମେଳାରେ ଷ୍ଟଲ୍ ଲଗାଇ ବିକ୍ରିବଟା କରି ସେଥିରୁ ଭଲ ଦି'ପଇସା ରୋଜଗାର କରି ପାରୁଛନ୍ତି। ମହିଳାମାନଙ୍କ ହାତ ତିଆରି କାଗଜ ମୁଖାର ନିଖୁଣ କାରିଗରି ପାଇଁ ସବୁଆଡୁ ପ୍ରଶଂସା ମିଳୁଥିବା ବେଳେ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହି କାର୍ଯ୍ୟକୁ ଆଗେଇ ନେବାକୁ ବ୍ଲକ ମିଶନଶକ୍ତି ସଂସ୍ଥା ପକ୍ଷରୁ ବିନା ସୁଧରେ ଋଣ ମଧ୍ୟ ଯୋଗାଇ ଦିଆଯାଇଥିବା ମହିଳାମାନେ କହିଛନ୍ତି। ସରକାରୀ ସ୍ତରରେ ତିଆରି ଜିନିଷର ଉଚିତ ମୂଲ୍ୟ ନିର୍ଦ୍ଧାରଣ ସହ ସବୁ ସମୟରେ ବିକ୍ରି ହୋଇ ପାରିଲେ ମହିଳାମାନେ ଆହୁରି ଆଗକୁ ବଢିପାରନ୍ତେ ବୋଲି ସଂଘର ସମ୍ପାଦିକା ମୀନତି ସାହୁ କହିଛନ୍ତି।



## ପରିତ୍ୟକ୍ତ ଅବସ୍ଥାରେ ରାଇସୁଆଁ ଫାର୍ମ

# ଏକର ଏକର ଜମି ପଡ଼ିଛି ପଡ଼ିଆ

କେନ୍ଦୁଝର,୨।୧ (ସମିସ)

କେନ୍ଦୁଝର ସଦର ବ୍ଲକ ରାଇସୁଆଁଠାରେ ପ୍ରାୟ ୧୦୦ ଏକର ପରିମିତ ମୃତ୍ତିକା ସଂରକ୍ଷଣ ବିଭାଗର ଫାର୍ମ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଦିନେ ଏ ଅଞ୍ଚଳର ପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଫାର୍ମ ଏବେ ମଦୁଆ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେଠାରେ ନିର୍ମାଣ ହୋଇଥିବା ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଫିସ କାର୍ଯ୍ୟାଳୟ, ବାସଭବନ ଭାଙ୍ଗି ରୁଜି ନଷ୍ଟ ହୋଇ ଯାଇଥିବା ବେଳେ ଆଜବେଷ୍ଟସ, କବାଟ, କାର୍ଯ୍ୟାଳୟରେ ଥିବା ବହୁ ଆସବାବପତ୍ର ଚୋରି ହୋଇ ସାରିଲାଣି। ରାଇସୁଆଁ ପଞ୍ଚାୟତ ଅଞ୍ଚଳର ଗୌରବ ବୃଦ୍ଧି କରୁଥିବା ଏହି ଫାର୍ମ ଏବେ ମଇଳା ପକାଇବା ସ୍ଥାନ ଭାବେ ପରିଗଣିତ ହେଲାଣି। ଏହି ଫାର୍ମଟି ପ୍ରାୟ ୧୦୦ ଏକର ଜମି ପରିମିତ ଅଟେ। ଏଠାରେ ୭/୮ଟି ପୋଖରୀ, ପିଜୁଳି ଗଛ ସାଙ୍ଗକୁ ଅନେକ ଚାଷ ଉପଯୋଗୀ ଜମି ରହିଛି। ଏଠାକାର ପିଜୁଳି ବଗିଚା କାହାକୁ ଅଛପା ନାହିଁ। ଏଠାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଜୁଳି ବିକ୍ରୟ କରାଯାଉଥିଲା। କିନ୍ତୁ ଫାର୍ମଟିର ରକ୍ଷଣାବେକ୍ଷଣ ଅଭାବ କାରଣରୁ ଏହି ଫାର୍ମଟି ଏବେ ନଷ୍ଟ ହୋଇଯାଇଛି। କେହି ଦେଖିବାକୁ ନାହିଁ। ଫାର୍ମ ଚାରିପଟେ ଲାଗିଥିବା ତାରବାଡ଼, ଖୁଣ୍ଟ ସବୁ ଚୋରି ହୋଇଗଲାଣି। ପରିସରରେ ଥିବା ବିଭିନ୍ନ ମୂଲ୍ୟବାନ ଗଛ ଚୋରି ହୋଇ ସାରିଥିବା ବେଳେ ଏବେବି ଏଠାରେ ଥିବା ଅନେକ ଗଛ ଚୋରି ହେବା ଅପେକ୍ଷାରେ। ଅନେକ ଦିନ ତଳୁ ଏଠାରେ ରେଞ୍ଜ ଅଫିସରଙ୍କ କାର୍ଯ୍ୟାଳୟ ତିଆରି ହୋଇଥିଲା। ୩/୪ ଜଣ କର୍ମଚାରୀ ନିଯୁକ୍ତି ହୋଇଥିଲେ। ୱାଚ୍‌ମ୍ୟାନ କ୍ୱାର୍ଟରଠାରୁ ଆରମ୍ଭ କରି ଅଧିକାରୀଙ୍କ କ୍ୱାର୍ଟର ଥିଲା। ଗଭୀର କୂଅ, ଭଲ ପୋଖରୀ, ଧାନ ଅମଳ ପାଇଁ ପିଣ୍ଡି, ବିଦ୍ୟୁତ ବ୍ୟବସ୍ଥା ସବୁ ପ୍ରକାର ସୁବିଧା ଥିଲା। ବାହାରୁ ରାଇସୁଆଁକୁ ଆସୁଥିବା ଲୋକେ ଏହି ଫାର୍ମକୁ ଏକ ଆମୋଦପ୍ରମୋଦ ସ୍ଥାନ ଭାବେ ଗଣି ନେଉଥିଲେ। କିନ୍ତୁ ଅବହେଳାର ଶିକାର ହୋଇ ପରିତ୍ୟକ୍ତ ହୋଇ ପଡି ରହିଥିବା ରାଇସୁଆଁ ଫାର୍ମକୁ ଏବେ ଦିନବେଳା ଯିବାକୁ ଭୟ ଲାଗିଲାଣି। ଯେଉଁଆଡେ ଦେଖିଲେ କୁଢ଼ କୁଢ଼ ମଇଳା, ଶହ ଶହ ମଦ ବୋତଲ ଏବଂ ମଦୁଆଙ୍କ ପ୍ରାଦୁର୍ଭାବ ବଳି ପଡିଲାଣି। ଜିଲ୍ଲାସ୍ତରରେ ଥିବା ଅଧିକାରୀମାନଙ୍କ ମନୋଭାବର ଅଭାବ କାରଣରୁ ଏହି ଫାର୍ମଟି ଏବେ ତା'ର ଶ୍ରୀ ହରାଇ ସାରିଛି। ଧିରେ ଧିରେ ଏଠାକାର ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଗଲାଣି। ରାଇସୁଆଁ ଅଞ୍ଚଳର ପ୍ରମୁଖ ସ୍ଥାନରେ ଥିବା ଏତେବଡ଼ ଫାର୍ମ ଏବେ ମିଳିବା ମୁସ୍କିଲ। ତେଣୁ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଫାର୍ମର ପୁନଃଉଦ୍ଧାର ବ୍ୟବସ୍ଥା କରାଗଲେ ରାଇସୁଆଁ, ଗୋପିନାଥପୁର, ଜନାର୍ଦ୍ଦନପୁର, ମହାଦେଇଯୋଡା ସମେତ ଆଖପାଖ ଅଞ୍ଚଳରେ ଥିବା ୪/୫ଟି ପଞ୍ଚାୟତର ଲୋକେ ଏହାର ସୁଫଳ ପାଇପାରନ୍ତେ।



